# ଓଡ଼ିଶାର 'ମିତା ଦିଦି' ଭାରତର ନିର୍ବାଚନ କମିଶନଙ୍କ ବିଏଲ୍ଓ ମାସ୍କଟ

**ଭୁବନେଶ୍ୱର, ୧୮ ।୩(ସମିସ):** ଓଡ଼ିଶାର ନିର୍ବାଚନ ସମ୍ବନ୍ଧୀୟ ବିଏଲ୍ଓ ମାସ୍କଟ 'ମିତା ଦିଦି'କୁ ଭାରତ ନିର୍ବାଚନ କମିଶନ ନିଜର ବିଏଲ୍ଓ ପତ୍ରିକାରେ ମାସ୍କଟ ରୂପେ ସ୍ଥାନିତ କରିଛନ୍ତି। ଓଡ଼ିଶାର ବିଏଲ୍ଓ ମାସ୍କଟ 'ମିତା ଦିଦି' ବର୍ତ୍ତମାନ ସମଗ୍ର ଦେଶରେ ବିଏଲ୍ଓ ମାସ୍କଟ ପାଲଟିଛି। ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ବିଏଲ୍ଓମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ବିଏଲ୍ଓ (ବୁଥ୍ ଲେବୁଲ୍ ଅଫିସର ବା ବୁଥ୍ସ୍ତରୀୟ ଅଧିକାରୀ) ମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭୋଟର ତାଲିକା ସଂଶୋଧନ ଏବଂ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ତୃଣମୂଳସ୍ତରରେ ବୁଥ୍ସ୍ତରୀୟ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥା'ନ୍ତି। ଗଣତନ୍ତ୍ରକୁ ତୃଣମୂଳସ୍ତରରୁ ଶକ୍ତିଶାଳୀ କରିବାରେ ବିଏଲ୍ଓମାନଙ୍କ ଦାୟିତ୍ୱକୁ ଭୂୟସୀ ପ୍ରଶଂସା କରି ମୁଖ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍ସ୍ତରୀୟ ଅଧିକାରୀମାନେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିବେ ବୋଲି ପ୍ରେରିତ କରିଛନ୍ତି। ବର୍ତ୍ତମାନ ଓଡ଼ିଶାର 'ମିତା ଦିଦି' ସମଗ୍ର ଦେଶର ବୁଥ୍ସ୍ତରୀୟ ଅଧିକାରୀଙ୍କ ପ୍ରତିନିଧି ପାଲଟିଛି। ନିର୍ବାଚନ କମିଶନଙ୍କ ବୁଥ୍ସ୍ତରୀୟ ଅଧିକାରୀ ପତ୍ରିକାର ଦଶମ ସଂସ୍କରଣରେ 'ମିତା ଦିଦି' ସ୍ଥାନ ପାଇବା ସମସ୍ତ ବୁଥ୍ସ୍ତରୀୟ ଅଧିକାରୀ ତଥା ସମଗ୍ର ରାଜ୍ୟ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଏହା ସମସ୍ତ ବୁଥ୍ସ୍ତରୀୟ ଅଧିକାରୀଙ୍କୁ ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ଅଧିକ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ମତବ୍ୟକ୍ତ କରିଛନ୍ତି।




**ଆଗାମୀ ୫ ବର୍ଷରେ ୧୦ ହଜାର କୋଟି ନିବେଶ ପ୍ରାପ୍ତି ଲକ୍ଷ୍ୟ**

# ବୟନଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ ୧ ଲକ୍ଷ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର,୧୮ ।୩(ସମିସ):** ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶା ଯେପରି ସମୃଦ୍ଧ ହୋଇପାରିବ ସେ ନେଇ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ସ୍ୱତନ୍ତ୍ର ନକ୍ସା। ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବୟନଶିଳ୍ପ ନୀତି ଓଡ଼ିଶାରେ ନିବେଶକଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି ଓ ଏହାର ସୁଫଳ ଆଗାମୀ ଦିନରେ ଓଡ଼ିଶା ପାଇବାକୁ ଯାଉଛି। ରାଜ୍ୟ ସରକାର ଆଗାମୀ ୫ ବର୍ଷ ମଧ୍ୟରେ ବୟନଶିଳ୍ପ କ୍ଷେତ୍ରରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ନିବେଶ ପ୍ରାପ୍ତି ଲକ୍ଷ୍ୟ ରଖିଛନ୍ତି। ଏହି ନିବେଶ ଫଳରେ ରାଜ୍ୟରେ ପ୍ରାୟ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକର ଚୌଦ୍ୱାରଠାରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପରେ ମୋଟ ୩୦୫୦ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେବଳ ୱେଲସ୍ପନ୍ ନୁହେଁ, ଆଗାମୀ ଦିନରେ ଦେଶର ପ୍ରମୁଖ କପଡ଼ା ନିର୍ମାତା କମ୍ପାନୀ ଯଥା ସାହି, ଆଦିତ୍ୟ ବିର୍ଲା, ଲୋକାଲ ଏଣ୍ଟିଟି ହ୍ୱାଇଟ୍ ଲୋଟସ ଓଡ଼ିଶାରେ ନିବେଶ କରିବାର ପ୍ରସ୍ତାବ ରହିଛି। ଉପରୋକ୍ତ କମ୍ପାନୀଗୁଡ଼ିକ ୧୦୦ କୋଟିରୁ ଆରମ୍ଭ କରି ୪୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବେ ବୋଲି ଜଣାପଡ଼ିଛି। ରାଜ୍ୟର ଶିଳ୍ପ ନୀତି ଅନୁଯାୟୀ ବୟନଶିଳ୍ପ କ୍ଷେତ୍ରରେ ଯେଉଁମାନେ ନିବେଶ କରିବେ ସେମାନଙ୍କ ପାଇଁ ଆକର୍ଷଣୀୟ ରିଆତି ପ୍ରଦାନ କରାଯାଉଛି। ଏପରିକି କୌଣସି ପ୍ରକଳ୍ପ ଉପରେ ନିବେଶ କଲେ ସଂଶୋଧିତ ଆଇପିଆର(ଇଣ୍ଡଷ୍ଟ୍ରି ପଲିସି ରେଗୁଲେସନ) ଅନୁଯାୟୀ ନିବେଶକଙ୍କୁ ୩୦ ପ୍ରତିଶତ ଯାଏଁ ଅର୍ଥରାଶି ଫେରସ୍ତ କରାଯିବ।

କେବଳ ଆର୍ଥିକ ଭାବେ ରିଆତି ବ୍ୟବସ୍ଥା ନୁହେଁ ନିବେଶ କରିବାକୁ ଥିବା କମ୍ପାନୀଗୁଡ଼ିକ ପାଇଁ ବିଜୁଳି ଦରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବ। ସେହିପରି ମହିଳା କର୍ମଚାରୀଙ୍କ ପାଇଁ ହଷ୍ଟେଲଠାରୁ ଆରମ୍ଭ କରି ରାଜ୍ୟର ଶ୍ରମିକମାନଙ୍କ ପାଇଁ ସରକାର ଇଏସ୍ଆଇସି ଏବଂ ଇପିଏଫ୍ଓର ମଧ୍ୟ ବ୍ୟବସ୍ଥା କରିବେ। ଉପରୋକ୍ତ ନିୟମାବଳୀ ନିବେଶକଙ୍କୁ ଆକୃଷ୍ଟ କରିବାର ପ୍ରଥମ କାରଣ ସାଜିଥିବା ବେଳେ ଶିଳ୍ପ ଅନୁକୂଳ ନୀତି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଗାମୀ ଦିନରେ ରାଜ୍ୟକୁ ବୟନଶିଳ୍ପ କ୍ଷେତ୍ରରେ ବେଶ୍ ସମୃଦ୍ଧ କରାଇବ ବୋଲି ଆଶା କରାଯାଉଛି। ଏପରିକି ରାଜ୍ୟ ସରକାରଙ୍କ ପକ୍ଷରୁ ବୟନଶିଳ୍ପ କ୍ଷେତ୍ରରେ ପ୍ରାୟ ୨୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ସେମାନେ ପର୍ଯ୍ୟାୟକ୍ରମେ ଓଡ଼ିଶାରେ ନିଜର କାରବାର ଆରମ୍ଭ କରିବାକୁ ଯାଉଛନ୍ତି। ବର୍ତ୍ତମାନ ଦେଶର ମୋଟ ଜିଡିପିର ପ୍ରାୟ ୨.୩ ପ୍ରତିଶତ ଅଂଶ ବୟନଶିଳ୍ପ ଏବଂ କପଡ଼ା ବ୍ୟବସାୟର ରହିଛି। ଆଗାମୀ ଦିନରେ ଏହି କ୍ଷେତ୍ରରେ ଆହୁରି ଅଧିକ ଅଭିବୃଦ୍ଧି ଆଶା କରାଯାଉଥିବା ବେଳେ ଓଡ଼ିଶା ପରି ରାଜ୍ୟ ଏଥିରୁ ବିଶେଷ ଭାବେ ଲାଭାନ୍ୱିତ ହେବେ। ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ଶୃଙ୍ଖଳିତ ଆଇନ ଶୃଙ୍ଖଳା ପରିସ୍ଥିତି, କଞ୍ଚାମାଲର ଉପଲବ୍ଧତା, ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସର୍ବୋପରି ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରୀ ରିଆତି ଏବଂ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁଁ ଓଡ଼ିଶା ଏବେ ନିବେଶକଙ୍କ ପସନ୍ଦ ପାଲଟିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ସାଧାରଣ ନିର୍ବାଚନ: ସଶସ୍ତ୍ର ବାହିନୀ ମୁତୟନ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୧୮ ।୩(ସମିସ):** ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଓ ରାଜ୍ୟ ସଶସ୍ତ୍ର ବାହିନୀ ମୁତୟନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଡ଼ିଜି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସହ ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ନିର୍ବାଚନ ଅଧିକାରୀ ଡ଼ଃ. ଏନ୍.ଥିରୁମାଳା ନାଏକଙ୍କ ସମେତ ରାଜ୍ୟ ପୁଲିସର ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶାରେ ହେବାକୁ ଥିବା ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଜିଲ୍ଲାଗୁଡିକରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ କିପରି ରହିବ, ସେ ସମ୍ପର୍କରେ ବୈଠକରେ ବିଶଦ୍ ଆଲୋଚନା ହୋଇଛି। ଇଭିଏମ୍ କମିଶନିଂଠାରୁ ଆରମ୍ଭ କରି ଷ୍ଟ୍ରଙ୍ଗ୍ ରୁମରେ କଡା ସୁରକ୍ଷା ବ୍ୟବସ୍ଥା ଏବଂ ମତଦାନ ଦିବସଗୁଡ଼ିକରେ ନିର୍ବାଚନ ଯେପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ ନେଇ ବୈଠକରେ ଆଲୋଚନା କରାଯାଇଛି।

**ଓଡ଼ିଶା ନ୍ୟାୟିକ ଇତିହାସରେ ପ୍ରଥମ**

# ୨୮ ଦିନରେ ବିଦେଶିନୀଙ୍କୁ ମିଳିଲା ନ୍ୟାୟ

**ଭୁବନେଶ୍ୱର, ୧୮ ।୩ (ସମିସ):** ଓଡ଼ିଶା ନ୍ୟାୟିକ ଇତିହାସରେ ସୋମବାର ସୃଷ୍ଟି ହୋଇଛି ଆଉ ଏକ ବିରଳ ରେକର୍ଡ। ମାତ୍ର ୨୮ ଦିନରେ ଏକ ଅସଦାଚରଣ ମାମଲାର ଫଇସଲା କରି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ପାୟଲ ଗୁପ୍ତା ଦୋଷୀକୁ ଦଣ୍ଡବିଧାନ କରିଛନ୍ତି। ଜଣେ ବିଦେଶିନୀଙ୍କୁ ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ସେବାୟତ ପାଇଁ ଯୁକ୍ତି ବାଢିଥିଲେ ସରକାରୀ ଓକିଲ ବିଜୟ କୁମାର ବାରିକ। କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍ ଆଧାରରେ ୪ଜଣ ପ୍ରତ୍ୟକ୍ଷଦର୍ଶୀ, ସାକ୍ଷ୍ୟ ପ୍ରମାଣ ଓ ୭ଟି ଡକ୍ୟୁମେଣ୍ଟ ଆଧାରରେ ରାୟ ପ୍ରକାଶ ପାଇଛି। ପୂର୍ବରୁ କୋର୍ଟରେ ପୀଡ଼ିତା ରଖିଥିବା ବୟାନକୁ ବିଚାରକୁ ନେଇ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଅଦାଲତ।

- ଲିଙ୍ଗରାଜ ମନ୍ଦିରରେ ଅସଦାଚରଣ ମାମଲା
- ଦୋଷୀ ସେବାୟତ କୁନ୍ଦନକୁ ୧୮ ମାସ ଜେଲ୍
- ମନ୍ଦିର ବୁଲାଇବା ବାହାନାରେ ଅସଦାଚରଣ କରିଥିଲେ

କୁନ୍ଦନ ମହାପାତ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୮ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟଙ୍କ ଏହି ରାୟ ଆସିବା ପରେ କୁନ୍ଦନକୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି।

ଆଜି (ସୋମବାର) ଜେଏମ୍ଏଫସି- ୧ ରେ ଏହି ମାମଲାରେ ଶେଷ ବିଚାର ପ୍ରକ୍ରିୟା ଚାଲିଥିଲା। ଯାହାକୁ ନେଇ ଅଭିଯୁକ୍ତକୁ କଠୋର ଦଣ୍ଡ ଦେବା

ସୂଚନା ଅନୁସାରେ, ଗତ ୧୯ ଫେବ୍ରୁଆରୀରେ ସ୍ୱିଡେନ୍ରୁ ଆସିଥିବା ଜଣେ ମହିଳା ନିଜ ବନ୍ଧୁଙ୍କ ସହ ଲିଙ୍ଗରାଜ ମନ୍ଦିର ବୁଲି ଆସିଥିଲେ। ମହିଳାଜଣଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଛାତ୍ରୀ ହୋଇଥିବାରୁ ମନ୍ଦିର ବିଷୟରେ ଜାଣିବାକୁ ଚାହୁଁଥିଲେ। ବୁଲାବୁଲି କରିବା ସମୟରେ ମନ୍ଦିରର ଉତ୍ତରଦ୍ୱାରରେ ଥିବା ପ୍ଲାଟଫର୍ମ ଉପରେ ଦର୍ଶନ କରୁଥିବା ବେଳେ ସେବାୟତ କୁନ୍ଦନ ମହାପାତ୍ର ନିଜକୁ ଗାଇଡ୍ ବୋଲି କହିଥିଲେ। କୁନ୍ଦନ ତାଙ୍କୁ ବିଭିନ୍ନ ଐତିହ୍ୟ ସମ୍ପର୍କରେ ବୁଝାଇବାକୁ କହି ତାଙ୍କ ସହ ନେଇଥିଲେ। ମନ୍ଦିର ବାହାରେ ବୁଲାଇବା ସମୟରେ ସେ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏନେଇ ବିଦେଶିନୀଜଣଙ୍କ ଲିଙ୍ଗରାଜ ଥାନାରେ ଫେବୃଆରୀ ୧୯ରେ ଅଭିଯୋଗ କରିବାରୁ ଲିଙ୍ଗରାଜ ଥାନା ପୁଲିସ କୁନ୍ଦନକୁ ଗିରଫ କରିଥିଲା।

ଜଣେ ବିଦେଶିନୀଙ୍କୁ ଅସଦାଚରଣ ଭଳି ଏହି ସ୍ପର୍ଶକାତର ମାମଲାର ତ୍ୱରିତ ବିଚାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଘଟଣା ଘଟିବାର ୪ ଦିନ ଭିତରେ ୨୩ ଫେବୃଆରୀରେ ପୁଲିସ୍ ଚାର୍ଜସିଟ୍ ଦାଖଲ କରିଥିଲା। ପରେ ୭ଦିନ ଭିତରେ ଅର୍ଥାତ୍ ୨୬ ତାରିଖରେ ଶୁଣାଣି ଆରମ୍ଭ ହୋଇଥିଲା। ପୀଡ଼ିତାଙ୍କ ବୟାନ ସହ ଅଭିଯୁକ୍ତ ବିରୋଧରେ ବଳିଷ୍ଠ ସାକ୍ଷୀ ପ୍ରମାଣ ଆଧାରରେ ତର୍ଜମା ହୋଇଥିଲା। ଅଭିଯୁକ୍ତଜଣଙ୍କ ପ୍ରଥମ ନୁହେଁ, ପୂର୍ବରୁ ମଧ୍ୟ ଏପରି ଅସଦାଚରଣ ମାମଲାରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଥିଲା।

**■ ନକଲି ଔଷଧ ମାମଲାରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ସତ୍ୟପାଠ**

# ୱେବସାଇଟ୍‌ରେ ହୋଲସେଲର୍‌ଙ୍କ ବିବରଣୀ ଅପଲୋଡ୍ ହେଉଛି

**କଟକ,୧୮ ।୩(ସମିସ):** ନକଲି ଔଷଧ ଜବତ ପ୍ରସଙ୍ଗରେ ଏକ ଡିଷ୍ଟ୍ରିବ୍ୟୁଟର ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅଦାଲତ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରି ଆସୁଛନ୍ତି। ଏହି ମାମଲାରେ ଆଜି ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର(ଔଷଧ ନିୟନ୍ତ୍ରକ) ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ଏଥିସହ ତାଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ୱେବସାଇଟ୍‌ରେ ସମସ୍ତ ଲାଇସେନ୍ସପ୍ରାପ୍ତ ଔଷଧ ହୋଲସେଲରଙ୍କ ସମ୍ପର୍କରେ ସବିଶେଷ ବିବରଣୀ ଅପଲୋଡ୍ କରାଯାଇଥିବା ନେଇ ହାଇକୋର୍ଟଙ୍କୁ ଡ୍ରଗ୍ସ କଣ୍ଟ୍ରୋଲର ଅବଗତ କରାଇଥିଲେ। ରାଜ୍ୟରେ ଟାସ୍କଫୋର୍ସ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି। ମୋଟ ମଞ୍ଜୁରୀପ୍ରାପ୍ତ ୬୬ଡ୍ରଗ୍ସ ଇନ୍ସପେକ୍ଟର ପଦବୀରେ ଏବେ ୧୯ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ଡ୍ରଗ୍ସ କନସଲଟିଭ କମିଟିର ଏକ ବୈଠକ ଜାନୁଆରୀରେ ଅନୁଷ୍ଠିତ ହୋଇ ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଉଛି ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ ଡ୍ରଗ୍ସ କଣ୍ଟ୍ରୋଲର। ଆସନ୍ତା ଏପ୍ରିଲ ୧୦ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ପୂଜା ଏଣ୍ଟରପ୍ରାଇଜେସ ପକ୍ଷରୁ ଦାୟର ହୋଇଥିବା ଏହି ଆବେଦନର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଶୁଣାଣି କରୁଛନ୍ତି। ଆବେଦନକାରୀ ବିତରଣ ସଂସ୍ଥା ମଧ୍ୟ ପରବର୍ତ୍ତୀ ଶୁଣାଣି ସୁଦ୍ଧା ପ୍ରତିଜବାବ ଦାଖଲ କରିବ। ମାମଲାରୁ ପ୍ରକାଶ ଯେ, ନକଲି ରକ୍ତଚାପ ଔଷଧ(ଟେଲମା-୪୦) କାରବାର ଅଭିଯୋଗ ଘଟଣାରେ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ମାଣିକଘୋଷ ବଜାରସ୍ଥିତ ଆବେଦନକାରୀ ସଂସ୍ଥା ଉପରେ ଚଢଉ କରାଯାଇ ବିପୁଳ ଔଷଧ ଜବତ ସହ ସିଲ୍ ହୋଇଥିଲା। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଡ୍ରଗ୍ସ କଣ୍ଟ୍ରୋଲର ଯେଉଁ ଔଷଧ ସବୁ ପରୀକ୍ଷା ପାଇଁ ଚାହୁଁଛନ୍ତି ତାହା ତ୍ୱରିତ ଯାଞ୍ଚ କରିବାକୁ ଆବେଦନକାରୀ ଦର୍ଶାଇଥିଲେ।

**ଜେଲ ଭିତରୁ ବ୍ରାଉନସୁଗର୍ ନେଟ୍‌ୱର୍କ ପରିଚାଳନା ପ୍ରସଙ୍ଗ**

# ଗୁମର ଧରାପଡ଼ିବା ପରେ ରକ୍ତଚାଉଳ ଚୋବାଉଛନ୍ତି ମାଫିଆ

**ଖୋର୍ଦ୍ଧା, ୧୮ ।୩ (ସମିସ):** ଖୋର୍ଦ୍ଧା ଜେଲ୍ ଭିତରୁ ବ୍ରାଉନସୁଗର୍ ନେଟ୍‌ୱର୍କ ଚାଲିବା ଘଟଣା ଦିନକୁ ଦିନ ଜଟିଳ ରୂପ ଧାରଣ କରିବାରେ ଲାଗିଛି। ଜେଲ୍ ଭିତରୁ ମୋବାଇଲ୍ ଜବତ ହେବା ଓ ବାହାରେ ଅପରେଟ୍ କରୁଥିବା ୭ଜଣ ଗିରଫ ହେବା ପରେ ଜେଲ୍ ଭିତରେ ଥିବା ବ୍ରାଉନସୁଗର୍ ମାଫିଆମାନେ ଏବେ ରକ୍ତଚାଉଳ ଚୋବାଉଛନ୍ତି। ଜେଲ୍ ଭିତରର ଗୁମର ସଂପର୍କରେ କିଏ ପୁଲିସକୁ ଖବର ଦେଲା, ତାକୁ ଧରିବା ପାଇଁ ସେମାନେ ଏବେ ଖାନତଲାସି ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁଲିସ୍ ଇନ୍‌ଫର୍ମର୍ ସନ୍ଦେହରେ ଜେଲ୍‌ର ଜଣେ ଅନ୍ତେବାସୀଙ୍କୁ ମାଫିଆମାନେ ନିସ୍ତୁକ ମାଡ଼ ମାରିଛନ୍ତି। ସେମାନଙ୍କ ଆକ୍ରମଣର ଶିକାର ହୋଇଥିବା ଅନ୍ତେବାସୀ ହେଲା ପ୍ରକାଶ ନାୟକ ଓରଫ ମୁନା। ଗତ ଶନିବାର ଦିନ ୧୧ଟାରେ ୭ରୁ ଊର୍ଦ୍ଧ୍ୱ କଏଦୀ ମୁନାକୁ ୫ନଂ ୱାର୍ଡକୁ ଡାକିନେଇ ନିସ୍ତୁକ ମାଡ଼ ମାରିଥିଲେ। ଏ ସଂପର୍କରେ

- ମାଫିଆଙ୍କ ଆକ୍ରମଣରେ ଅନ୍ତେବାସୀ ଆହତ; ୭ଜଣଙ୍କ ନାଁରେ ଏତଲା
- ଜେଲ ଭିତରେ ଏସ୍‌ଡିପିଓଙ୍କ ତଦନ୍ତ
- ଡ୍ରଗ୍ସ ମାଫିଆ ସଞ୍ଜୁ ଗ୍ରୁପର ୪୦ ଜେଲ ଭିତରେ

ମୁନା ଆଦର୍ଶ ଥାନାରେ ଅଭିଯୋଗ କରିବାରୁ ପୁଲିସ ୭ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଏହି ମାମଲାର ତଦନ୍ତ ପାଇଁ ଆଜି ଏସ୍‌ଡିପିଓ (ସଦର) ଦିଲୀପ କୁମାର ଦାସ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଜେଲ୍ ଆସିବାରୁ ଏହି ଘଟଣା ପଦାକୁ ଆସିଛି। ମୁନାକୁ ଆକ୍ରମଣ କରିଥିବା କଏଦୀ ବଳରାମ ରାଉତରାୟ ଓରଫ୍ ଗେଡ଼ା ବଳିଆ, ଆଶିଷ ପ୍ରଧାନ ଓରଫ କୁନ୍ଦୁ,



ରାକେଶ ସାମନ୍ତରାୟ ଓରଫ ରାକା, ଗଗନ ନାୟକ, ରାଜା ବେହେରା, ବିଶେଶ୍ୱର ଷଡଙ୍ଗୀ, ପ୍ରିୟବ୍ରତ ଦାସ ଏବଂ ଅନ୍ୟମାନଙ୍କ ନାଁରେ ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଅପରପକ୍ଷେ, ମୁନାକୁ ଚିକିତ୍ସା ପରେ ତାକୁ ତା' ୱାର୍ଡରେ ରଖାଯାଇଥିବା ବେଳେ ଆକ୍ରମଣକାରୀମାନଙ୍କୁ ପୃଥକ ୱାର୍ଡରେ ରଖାଯାଇଥିବା ଜେଲ ସୁପରିନ୍‌ଟେଣ୍ଡେଣ୍ଟ କୃଷ୍ଣଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ଜେଲ୍‌ରେ ମୋଟ ୨୮୫ଜଣ ଅନ୍ତେବାସୀ ରହୁଥିବା ବେଳେ ୯୫ଜଣ ଏନଡିପିଏସ ମାମଲାରେ ଜଡ଼ିତ। କୁଖ୍ୟାତ ଡ୍ରଗ୍ସ ମାଫିଆ ସଞ୍ଜୁ ଓ ମିକି ଟିମ୍‌ର ୪୦ଜଣ ଏହି ଜେଲ୍‌ରେ ରହିଛନ୍ତି। ବିଭିନ୍ନ ସମୟରେ ସେମାନେ ଅନ୍ୟ ଅନ୍ତେବାସୀଙ୍କୁ ହଇରାଣ କରିବା ସହ ନିଜ ଗ୍ରୁପ୍‌ରେ ସାମିଲ କରିବାକୁ ପ୍ରବର୍ତ୍ତାଉଛନ୍ତି। ଯିଏ ସେମାନଙ୍କ କଥାରେ ରାଜି ହେଉନି, ତାକୁ ଧମକଚମକ ଦେଉଛନ୍ତି। ଏନେଇ ଅଭିଯୋଗ ଆସିଲେ ସେମାନଙ୍କୁ ତାଗିଦ କରାଯାଉଛି। ଜେଲ ଭିତରେ ଏତେସଂଖ୍ୟକ ପେସାଦାର ବ୍ରାଉନସୁଗର୍ ମାଫିଆ ଥିବାରୁ ସେମାନଙ୍କ ପାଇଁ ବିଭିନ୍ନ ସମୟରେ ଜେଲ ଭିତରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ତେଣୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହେଉଛି।

ସୂଚନାଯୋଗ୍ୟ, ଗତ ୧୧ତାରିଖରେ ପୁଲିସ୍ ବ୍ରାଉନସୁଗର୍ କାରବାର ଅଭିଯୋଗରେ ଖୋର୍ଦ୍ଧାରୁ ଜଣେ ମହିଳାଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା କରିବାରୁ ଖୋର୍ଦ୍ଧା ଜେଲ୍ ଭିତରୁ ଏହି ରାକେଟ୍ ପରିଚାଳନା ହେଉଥିଲା ବୋଲି ଜଣାପଡ଼ିଥିଲା। ପରେ ପୁଲିସ ଜେଲ୍ ଭିତରୁ ୯ଟି ମୋବାଇଲ୍ ଜବତ କରିଥିଲା।

**● ଡିସିଏଫ୍ ପଦୋନ୍ନତି ମାମଲା**

# ହାଇକୋର୍ଟରେ ଶୁଣାଣି ଶେଷ ଓ ରାୟ ସଂରକ୍ଷିତ

**କଟକ, ୧୮ ।୩(ସମିସ):** ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ (ଡିସିଏଫ୍) ପଦୋନ୍ନତି ପ୍ରସଙ୍ଗରେ ରୁଜୁ ମାମଲାରେ ହାଇକୋର୍ଟ ଆଜି ବିସ୍ତୃତ ଶୁଣାଣି କରିଛନ୍ତି। ଗତ ୨୦୨୩ ମାର୍ଚ୍ଚ ୩ର ବିଜ୍ଞପ୍ତି ଅନୁସାରେ ଡିପିସିର ସ୍ଥିତି ସମ୍ପର୍କରେ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଉଭୟପକ୍ଷ ଯୁକ୍ତି ଉପସ୍ଥାପନ କରିବା ସହ ଲିଖିତ ଯୁକ୍ତି ଦାଖଲ କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ଶେଷ କରିବା ସହ ରାୟକୁ ସଂରକ୍ଷିତ ରଖିଛନ୍ତି। ଅରୁଣ କୁମାର ବିଶ୍ୱାଳ, ମଳୟ ରଞ୍ଜନ କାଲୋ, ରାମଚନ୍ଦ୍ର ମୁର୍ମୁ, କ୍ଷିରୋଦ କୁମାର ବେହେରା ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଆ ବିଚାରପତିଙ୍କ ଗତ ୨୦୨୩ନଭେମ୍ବର୧୦ର ଆଦେଶ ଅନୁସାରେ ପଦୋନ୍ନତି ନିମନ୍ତେ ଡିପିସି ଯଦିଓ ଅଗ୍ରଗତି କରିବ, କିନ୍ତୁ ଆବେଦନକାରୀ ମାନଙ୍କ ପାଇଁ ୫ଗୋଟି ପଦ ସଂରକ୍ଷିତ ରହିବ। ଯାହା ମାମଲାର ଚୂଡାନ୍ତ ଫଇସଲା ଉପରେ ନିର୍ଭର କରିବ ବୋଲି ଖଣ୍ଡପୀଠ ଗତ ୨୯ତାରିଖରେ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ (ଡିସିଏଫ୍) ପଦୋନ୍ନତି ପାଇଁ ପ୍ରସ୍ତୁତ ତାଲିକାରେ ସାଧାରଣ ବର୍ଗର ଏସିଏଫ୍ ପ୍ରାର୍ଥୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଥିଲା। ଡିସିଏଫ୍ ପଦୋନ୍ନତି ତାଲିକାକୁ ୨୦୨୩, ନଭେମ୍ବର ୧୦ରେ ଜଣିକିଆ ବିଚାରପତି ରଦ୍ଦ କରିଥିଲେ। ଯଦି ଡିସିଏଫ୍ ପଦକୁ ପଦୋନ୍ନତି ପ୍ରଦାନ ଜରୁରୀ ଥାଏ, ତେବେ ଏସିଏଫ ଭାବେ ୫ବର୍ଷ କାର୍ଯ୍ୟକାଳ ଯୋଗ୍ୟତା ସମ୍ପର୍କିତ ନିୟମାବଳୀ କୋହଳ କରିପାରିବେ ନଚେତ ପଦୋନ୍ନତି ପ୍ରକ୍ରିୟାକୁ ୨୦୨୪, ଜାନୁଆରି ୧ତାରିଖକୁ ଘୁଞ୍ଚାଯିବ। ଯାହାଦ୍ୱାରା ୨୦୨୨, ସେପ୍ଟେମ୍ବର ୯ର ଗ୍ରେଡେସନ୍ ତାଲିକରେ ସ୍ଥାନ ପାଇଥିବା ସମସ୍ତ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ(ଏସିଏଫ) ଙ୍କ ନାଁ ବିଚାରକୁ ନିଆଯାଇ ପାରିବ ବୋଲି ଜଣିକିଆ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ସମ୍ପୃକ୍ତ ତାଲିକାରେ ସ୍ଥାନ ପାଇଥିବା କେତେକ ଏସିଏଫ୍ ଅଧିକାରୀମାନେ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ୫ବର୍ଷ କାର୍ଯ୍ୟକାଳ ଯୋଗ୍ୟତା ସମ୍ପର୍କିତ ନିୟମାବଳୀ କୋହଳ ପାଇଁ ନିର୍ଦ୍ଦେଶ ଦିଆଯିବା ବିଧି ସମ୍ମତ ନୁହେଁ ବୋଲି ଏହି ରିଟ୍ ଅପିଲରେ ଦର୍ଶାଯାଇଥିଲା।








## ଏକତରଫା ପ୍ରେମରୁ ଯାଉଛି ପ୍ରାଣ

# ମାରଣାସ୍ତ୍ର ଜବତ; ପ୍ରେମୀଯୁଗଳ ଗିରଫ

ଭୁବନେଶ୍ୱର, ୧୮।୩(ସମିସ)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଅଞ୍ଜନ ବେହେରାଙ୍କୁ ହତ୍ୟା ମାମଲାରୁ ହଟିଛି ରହସ୍ୟ। ହତ୍ୟାର ଦୁଇଦିନ ପରେ ମାମଲାରେ ସମ୍ପୃକ୍ତ ପ୍ରେମୀଯୁଗଳଙ୍କୁ ସାଲିଆସାହିରୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ପ୍ରେମୀଯୁଗଳ ହେଲେ କ୍ୟାପିଟାଲ୍ ଥାନା ୟୁନିଟ୍-୫ କେଶରୀନଗରର କାହ୍ନା ପ୍ରଧାନ ଓରଫ ପିଙ୍କୁ(୨୦) ଓ ଚମ୍ପାପୋଖରୀର ନୀହାରିକା ଦାଶ(୨୦)। ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ କେନାଲରୋଡରୁ ଜବତ କରାଯାଇଛି। ଏହି ମାମଲାରେ କାହ୍ନା ଓ ନୀହାରିକାଙ୍କ ଆହୁରି ୪ଜଣ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନେ ଫେରାର୍ ଥିବାରୁ ଧରିବାକୁ ଉଦ୍ୟମ କରାଯାଉଛି। ସୋମବାର ଉଭୟଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ସେହିପରି ନୀହାରିକାଙ୍କୁ ଏକତରଫା ପ୍ରେମ କରୁଥିବା ଗୌତମ ପାନେ ଦେବାକୁ ପ୍ରେମୀଯୁଗଳ ଏକ ଷଡ଼ଯନ୍ତ୍ର ରଚିଥିଲା। କିନ୍ତୁ ସେମାନେ ରଚିଥିବା ଚକ୍ରବ୍ୟୂହରେ ନିରୀହ ଅଞ୍ଜନ ଫସିଯାଇଥିଲେ। ଅଭିଯୁକ୍ତମାନେ ଅଞ୍ଜନଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲେ। ସେହିଭଳି ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଉଛି। ବରିଷ୍ଠ ପୁଲିସ ଅଧିକାରୀମାନେ ମାମଲାର ସମୀକ୍ଷା କରୁଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ପ୍ରମାଣ ଯୋଗାଡ଼ କରିସାରିଛି। ଯେତେ ବି ଲୋକେ ଏହି ହତ୍ୟା ମାମଲାର ସହ ଜଡ଼ିତ ରହିଛନ୍ତି, ସେମାନଙ୍କୁ ପଚରାଉଚରା କରିବା ସହ ବୟାନ ରେକର୍ଡ କରାଯାଉଛି ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

### ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ହତ୍ୟା ଘଟଣା





ମୃତ ଅଞ୍ଜନ

### ସ୍କୁଲ୍‌ର ଏକତରଫା ପ୍ରେମରୁ ବିନାଶ

ଚିନ୍ତାମଣିଶ୍ୱର ହାଇସ୍କୁଲରେ ପଢୁଥିବା ସମୟରୁ ନୀହାରିକାଙ୍କୁ ଏକତରଫା ପ୍ରେମ କରୁଥିଲା ଗୌତମ। ବାରମ୍ବାର ପ୍ରେମ ନିବେଦନ କରୁଥିଲେ ବି ନୀହାରିକା ଏଥିରେ ସହମତି ପ୍ରକାଶ କରୁ ନ ଥିଲେ। ପରେ ଗୌତମ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ସହ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ନୀହାରିକାଙ୍କୁ ପ୍ରେମ ନିବେଦନ କରୁଥିଲେ। ଗତ ମାର୍ଚ୍ଚ ୧୫ ତାରିଖରେ ନୀହାରିକା ଏକାମ୍ର କଲେଜକୁ ପରୀକ୍ଷା ଦେବାକୁ ଯାଇଥିଲା। ନୀହାରିକାର ପରୀକ୍ଷା ସରିବା ପରେ ଗୌତମ ପୁଣି ପ୍ରେମ ନିବେଦନ କରୁଥିଲେ। ସେଇ ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତତର୍କ ସହ ପାଟିତୁଣ୍ଡ ହୋଇଥିଲା। ଗୌତମର ଏକତରଫା ପ୍ରେମର ବିଚଳାମୀ ସୀମା ଅତିକ୍ରମ କରୁଥିବରୁ ଚିନ୍ତାରେ ପଡ଼ିଥିଲେ ନୀହାରିକା। ପରେ ଗୌତମକୁ ରାସ୍ତାରୁ ହଟାଇବା ଲାଗି ନୀହାରିକା ଷଡ଼ଯନ୍ତ୍ର ରଚିଥିଲ ନୀହାରିକା। ପ୍ରେମ କରୁଥିବା କାହ୍ନାକୁ ଏବିଷୟରେ ଜଣାଇଥିଲା। ପ୍ରେମୀଯୁଗଳ ଓ ୪ଜଣ ବନ୍ଧୁ ମିଶି ଏକ ଷଡ଼ଯନ୍ତ୍ର ରଚିଥିଲେ।

### ପ୍ରେମିକା ଲାଗି ରକ୍ତମୁଖା କାହ୍ନା

୧୫ ତାରିଖରେ ବିଳମ୍ବିତ ରାତିରେ ଜଟଣୀର ଏକ ବିବାହ ଉତ୍ସବରେ କ୍ୟାଟେରିଂ କାର୍ଯ୍ୟ ସାରି ଗୌତମ ଓ ଅଞ୍ଜନ ଫେରୁଥିଲେ। ସେଇ ସମୟରେ କାହ୍ନା, ନୀହାରିକା ଓ ୪ଜଣ ସହଯୋଗୀ ଆସି ଚିନ୍ତାମଣିଶ୍ୱର ରାସ୍ତାରେ ସେମାନଙ୍କୁ ଅଟକାଇଥିଲେ। ଗୌତମ ଓ କାହ୍ନା ମଧ୍ୟରେ କଥା କଟାକଟି ହେବା ସହ ଝଗଡ଼ା ହୋଇଥିଲା। ସେଇ ସମୟରେ ଗୌତମର ସହଯୋଗୀ ଅଞ୍ଜନ ସେଠାରେ ଛିଡ଼ା ହୋଇଥିଲା। ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗୁଥିବାରୁ ଅଞ୍ଜନ ଅଟକାଇବାକୁ ଉଦ୍ୟମ କରୁଥିଲେ। ସେଇ ସମୟରେ କାହ୍ନା ଏକ ମାରଣାସ୍ତ୍ରରେ ଅଞ୍ଜନଙ୍କୁ ଆକ୍ରମଣ କରିଥିଲା। ଖଣ୍ଡା ଚୋଟଟି ଅଞ୍ଜନଙ୍କ କାନ୍ଧରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଅଞ୍ଜନକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଧିକ ରକ୍ତସ୍ରାବ ହେବାରୁ ଅଞ୍ଜନଙ୍କ ମୃତ୍ୟୁ ହୋଇଯାଇଥିଲା।

ହତ୍ୟା ପରେ ସେହିସ୍ଥାନରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ସେମାନଙ୍କ ଧରିବା ଲାଗି ଲକ୍ଷ୍ମୀସାଗର ଥାନା ପୁଲିସ ଏକ ଟିମ୍ ଗଠନ କରି ପିଛା କରୁଥିଲା। ପ୍ରେମୀଯୁଗଳ କାହ୍ନା ଓ ନୀହାରିକା ସିଧା ବ୍ରହ୍ମପୁର ପଳାଇଥିଲେ। ସେଠାରେ ସମ୍ପର୍କୀୟଙ୍କ ଘରେ ଦିନେ ରହିବା ପରେ ଜଟଣୀ ପଳାଇ ଆସିଥିଲେ। ସେମାନଙ୍କୁ ଧରିବା ଲାଗି ପୁଲିସ ପିଛା କରୁଥିବାରୁ ଉଭୟ ବାରମ୍ବାର ସ୍ଥାନ ବଦଳାଉଥିଲେ। ଶେଷରେ ସାଲିଆସାହିରେ ରହୁଥିବା କାହ୍ନାର ଜଣେ ସମ୍ପର୍କୀୟଙ୍କ ଘରେ ଉଭୟ ଆଶ୍ରୟ ନେଇଥିଲେ। ରବିବାର ଲକ୍ଷ୍ମୀସାଗର ଥାନା ପୁଲିସ ଉଭୟ ପ୍ରେମୀଯୁଗଳଙ୍କୁ ସେଠାରୁ କାବୁ କରି ନେଇଥିଲା।

**କାହ୍ନା ପେସାଦାର ଅପରାଧୀ**

ହତ୍ୟା ଅଭିଯୁକ୍ତ କାହ୍ନା ନାମରେ ଦୁଇଟି ରାହାଜାନି ମାମଲା ରହିଛି। ନୂଆପଲ୍ଲୀ ଥାନା ଓ କ୍ୟାପିଟାଲ ଥାନାରେ ରାହାଜାନି ମାମଲାରେ କାହ୍ନାକୁ ଗିରଫ କରାଯାଇଥିଲା। ସେ ଗିରଫ ହୋଇ ଜେଲ ଯାଇଥିଲା। କିନ୍ତୁ ଜାମିନ୍‌ରେ ମୁକୁଳି ନିଜ ଅଞ୍ଚଳରେ ଦବ୍‌ଦବା ଦେଖାଉଥିଲେ। ଏପରିକି ପ୍ରେମ କରୁଥିବା ପ୍ରେମିକାକୁ ଲୁଟ୍ ସମ୍ପତ୍ତିରୁ ଟଙ୍କା ଓ ସୁନାଗହଣା ଉପହାର ଦେଉଥିଲା। ଦୁଇ ଥର ଲେଖାଏଁ ଜେଲ ଯାଇଥିଲା। ଏଥର କାହ୍ନାର ବେଲ୍ ବଣ୍ଡ ବାତିଲ୍ ଲାଗି କୋର୍ଟରେ ଆବେଦନ କରାଯିବ ବୋଲି ପୁଲିସ କହିଛି।

# ସ୍ତ୍ରୀଙ୍କୁ ଅଶ୍ଳୀଳ ମେସେଜ୍; ସ୍ୱାମୀଙ୍କୁ ହତ୍ୟା

ବାଲିପାଟଣା,୧୮।୩(ସମିସ)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ମଝିହରା ପଞ୍ଚାୟତ ମହଲାସାହିରେ ରବିବାର ଜଣେ ବିବାହିତା ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ଦେବାସହ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି କିଛି ଯୁବକ। ମୃତକ ହେଲେ ମଝିହରା ବସ୍ତି ନିକଟରେ ଥିବା ମହଲାସାହି ଗ୍ରାମର ବାସିନ୍ଦା ଅକ୍ଷୟ ମାଝୀ (୪୦)। ମୃତକଙ୍କ ସ୍ତ୍ରୀ କରିଥିବା ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ପୁଲିସର କହିବାନୁଯାୟୀ ପଦ୍ମପୋଖରୀ ଗ୍ରାମର କାଳିଆ ଭୋଇ (୪୫) ଙ୍କ ପୁଅ ଦିଲୁ ଭୋଇ (୨୫) ବାରମ୍ବାର ଅକ୍ଷୟଙ୍କ ପତ୍ନୀଙ୍କ ମୋବାଇଲକୁ ଅଶ୍ଳୀଳ ମେସେଜ୍ ପଠାଉଥିଲା। ଯାହାକୁ ନେଇ ଗତ ୮ଦିନ ତଳେ ବାଲକାଟି ବଜାରରେ ଶ୍ରାବଣୀଙ୍କ ସ୍ୱାମୀ ଅକ୍ଷୟ ଓ ଦିଲୁ ମଧ୍ୟରେ ଝଗଡ଼ା ହୋଇଥିଲା। ଶେଷରେ ମାର୍‌ପିଟ୍ ହୋଇ, କଥା ବାଲକାଟି ଫାଣ୍ଡିକୁ ଯାଇଥିଲା। ଉଭୟଙ୍କ ମଧ୍ୟରେ ଘଟଣାର ସମାଧାନ କରାଯାଇଥିଲା। ପୁନଶ୍ଚ କେବେବି ଉଭୟଙ୍କ ମଧ୍ୟରେ ବିବାଦ ନ ହୁଏ, ଆଉ ଶ୍ରାବଣୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇବେ ନାହିଁ ବୋଲି ଦିଲୁ କହିଥିଲା। ରବିବାର ରାତି ସାଢ଼େ ୮ଟା ବେଳେ ଅକ୍ଷୟ ନୂଆସାହି ନିକଟରେ ଥିବା ଏକ ସାର ଦୋକାନରେ ବସିଥିବା ବେଳେ ହଠାତ୍ ପଦ୍ମପୋଖାରୀ ଗ୍ରାମର କାଳିଆ ଭୋଇ (୪୫), ଦିଲୁ ଭୋଇ (୨୫), କେଦାର ନାଥ ପୋଲେଇ, କାଲୁ ପୋଲେଇ, ଜଗୁନ ପୋଲେଇ, ନଣ୍ଡା ପୋଲେଇ, ଗେଡ଼ ପୋଲେଇ, ଗାଣ୍ଡୁ ପୋଲେଇ, ଓ ଶଙ୍କର ପୋଲେଇ ଖଣ୍ଡା, ଲୁହାଛଡ଼, ଭୁଜାଲି, କଟୁରି ଓ ଫାର୍ସା ଧରି ସଂଘବଦ୍ଧ ଆକ୍ରମଣ କରିଥିଲେ। ଅକ୍ଷୟଙ୍କ ଶରୀର ସାରା ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେହି ବାଟଦେଇ ନରଣପୁର ଜଣେ ବ୍ୟକ୍ତି ଅକ୍ଷୟକୁ ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ। ଘରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଏମ୍‌ସ ମେଡ଼ିକାଲକୁ ପଠାଇ ଦେଇଥିଲେ। ଏମ୍‌ସରୁ ସମ୍, ଶ୍ରୀ ଓ ସେଠାରୁ ହାଇଟେକ୍ ନିଆଯାଇଥିଲା। ସେଠାରେ



ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରହିଛି। ଅକ୍ଷୟଙ୍କ ପତ୍ନୀଙ୍କ ଅଭିଯୋଗକୁ ଭିତ୍ତିକରି କେଶ୍ ୧୭୦/୨୦୨୪ ରେ ମାମଲା ରୁଜୁକରି ତଦନ୍ତ ଜାରୀ ରହିଛି। ସନ୍ଦେହରେ ପୁଲିସ ପରିବାରରୁ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଛନ୍ତି।

ଅକ୍ଷୟଙ୍କ ପତ୍ନୀ କୁହନ୍ତି, ମୋ ସ୍ୱାମୀଙ୍କୁ ହତ୍ୟା ପଛରେ ଅନ୍ୟ ଦୁଇ ମହିଳାଙ୍କ ହାତ ରହିଛି ! ମୁଖ୍ୟ ଅଭିଯୁକ୍ତ କାଳିଆ ଭୋଇ ଓ ଦିଲୁ ଭୋଇ(ବାପ ପୁଅ)ଙ୍କୁ ଏମାନେ ସଦାବେଳେ ଇନ୍ଧନ ଯୋଗାଉଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ଦୋଷୀକୁ ଉଚିତ୍ ଦଣ୍ଡ ଦିଆଗଲେ ମୋ ସ୍ୱାମୀଙ୍କ ଆତ୍ମାକୁ ଶାନ୍ତି ମିଳିବ।

## ସାଇଡ୍‌ମରାରୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୮।୩ (ସମିସ): ଚାଲି ଚାଲି ଯାଉଥିବା ବେଳେ ସାଇଡ୍ ମାରିଲେ। କାରଣ ପଚାରିବାରୁ ସଙ୍ଘବଦ୍ଧ ହୋଇ ପିଟିଲେ। ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାତ୍ରପଡ଼ା ପାଟଶାଣୀ ସାହିର ବିଜୟ ପାଟଶାଣୀ (୧୯)। ପୁଲିସ ସୂଚନା ଅନୁଯାୟୀ, ଇଞ୍ଜିନିୟର ଛାତ୍ର ଭବାନୀ ଶଙ୍କର ସାହୁ ଡିଏନ୍ ରେଗାଲିଆ ମଲରୁ ସପିଙ୍ଗ୍ ସାରି ଚାଲିଚାଲି ଛାତ୍ରାବାସକୁ ଫେରୁଥିବା ବେଳେ ବିପରୀତ ରାସ୍ତାରେ ବିଜୟ ଓ ତା'ର ଜଣେ ସହଯୋଗୀ ଏକ ସ୍କୁଟିରେ ଆସି ତାଙ୍କୁ ସାଇଡ୍ ମାରିଥିଲେ। ଏମିତି କାହିଁକି ଗାଡ଼ି ଚଲାଉଛ ବୋଲି ଭବାନୀ ପଚାରିବାରୁ ବିଜୟ ଓ ତାର ସହଯୋଗୀ ଉତକ୍ଷିପ୍ତ ହୋଇ ତାଙ୍କର ଅନ୍ୟ ସହଯୋଗୀଙ୍କୁ ଘଟଣା ସ୍ଥଳକୁ ଡ଼ାକିଥିଲେ। ସେମାନେ ପହଞ୍ଚିବା ପରେ ହଠାତ ସଂଘବଦ୍ଧ ଭାବେ ଲୁହାଛଡ଼ ଓ ପଥରରେ ଭବାନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଭବାନୀଙ୍କୁ ଉଦ୍ଧାର କରି ଏମ୍ସ ହସ୍ପିଟାଲକୁ ନେଇଥିଲା। ଏଥିସହିତ ବିଜୟକୁ କାବୁ କରିବା ସହିତ ଘଟଣାରେ ବ୍ୟବହୃତ ଏକ ଲୁହାଛଡ଼ ଓ ଏକ ପଥର ଜବତ କରିଥିଲା ପୁଲିସ। ପୂର୍ବରୁ ମଧ୍ୟ ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ଏକ ମାମଲାରେ ବିଜୟ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସୋମବାର ତାକୁ କୋର୍ଟ ଚାଲାଣ କରାଯାଇଛି।

## ଲାଞ୍ଚ ନେଇ କିରାଣି ଓ ପିଅନ ଗିରଫ

ଭୁବନେଶ୍ୱର, ୧୮।୩(ସମିସ): ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି। ଗ୍ରାମ୍ୟ ଜଳଯୋଗାଣ (ଜନସ୍ୱାସ୍ଥ୍ୟ) ବିଭାଗର କିରାଣି ସଦାଶିବ ସାହୁ ଓ ପିଅନ ପ୍ରଦୀପ୍ତ କିଶୋର ଦାଶ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ଭିଜିଲାନ୍ସ ଦଳ ରସାୟନିକ ବୋଳା ୨୦ ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଉଭୟଙ୍କ ନାମରେ ଭିଜିଲାନ୍ସ ଏକ ମାମଲା ରୁଜୁକରି ଗିରଫ କରିଛି। ଭିଜିଲାନ୍ସ ସୂତ୍ରରୁ ପ୍ରକାଶ, ଅଭିଯୋଗକାରୀ ଠିକାଦାର ଏକ ସରକାରୀ କୋଠା ଘରର ସାନିଟାରି କାମ କରିଥିଲେ। ଏ ବାବଦରେ ତାଙ୍କ ବିଲ୍ ପଡ଼ି ରହିଥିଲା। ଉକ୍ତ ବିଲକୁ ପାସ କରିବା ପାଇଁ ଠିକାଦାର ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଅଭିଯୁକ୍ତ କିରାଣି ସଦାଶିବ ତାଙ୍କ କାର୍ଯ୍ୟ କରି ନଥିଲେ। ଉକ୍ତ ବିଲ୍ ପାସ୍ କରିବା ପାଇଁ ସଦାଶିବ ଓ ପିଅନ ପ୍ରଦୀପ୍ତ ୫୦ ହଜାର ଟଙ୍କା ଦାବି କରିଥିଲେ। ପରେ ଏନେଇ ଠିକାଦାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ଏକ ମାମଲା ରୁଜୁ କରିବା ସହ ସଦାଶିବ ଓ ପ୍ରଦୀପ୍ତଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ସୋମବାର ପ୍ରଥମ ପର୍ଯ୍ୟାୟରେ ସେମାନେ ଠିକାଦାରଙ୍କ ଠାରୁ ୨୦ ହଜାର ଲାଞ୍ଚ ନେଉଥିବା ବେଳେ ଛକି ରହିଥିବା ଭିଜିଲାନ୍ସ ଦଳ ସଦାଶିବଙ୍କୁ କାବୁ କରି ନେଇଥିଲେ। ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଭିଜିଲାନ୍ସ ଦଳ ଲାଞ୍ଚ ଟଙ୍କା ଜବତ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସଦାଶିବଙ୍କ ପୁରୀ ଅଞ୍ଚଳରେ ଥିବା ପୈତୃକ ଘରେ ଚଢ଼ଉ କରାଯାଇଛି। ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିକୁ ନେଇ ତଦନ୍ତକାରୀ ସଂସ୍ଥା ଖୋଳତାଡ଼ ଜାରି ରଖିଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକାଙ୍କୁ ଅପହରଣ; ଯୁବକ ଗିରଫ

ଭୁବନେଶ୍ୱର, ୧୮।୩ (ସମିସ)



ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ସଦର ଥାନା ଅଞ୍ଚଳର ପ୍ରକାଶ ଓରଫ୍ ରଘୁନାଥ ବାଘୁଆ (୨୦)। ପୁଲିସ ସୂଚନା ଅନୁସାରେ, ଯାଜପୁରର ଜଣେ ନାବାଳିକାଙ୍କ ସହିତ ପ୍ରକାଶର ମଧ୍ୟରେ ଦୁଇବର୍ଷ ପୂର୍ବେ ପରିଚୟ ହୋଇଥିଲା ଓ ପରବର୍ତ୍ତୀ ସମୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତବର୍ଷ ଅକ୍ଟୋବର ମାସରେ ପ୍ରକାଶ ତାଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ନେଇ ଯାଇଥିଲା। ଏହାପରେ ନାବାଳିକାଙ୍କ ପରିବାର ଲୋକ ତାଙ୍କୁ କାର୍ଗିଲ ବସ୍ତିରେ ରହୁଥିବା ତାଙ୍କ ବଡ଼ ଭଉଣୀ ଘରେ ଛାଡି ଦେଇଥିଲେ। ନାବାଳିକା ଭୁବନେଶ୍ୱରରେ ଆସି ରହିବା ପରେ ପ୍ରକାଶ ଫୋନ୍ ମାଧ୍ୟମରେ ତାଙ୍କ ସହିତ ଯୋଗାଯୋଗ କରିବା ସହିତ ଘର ଛାଡ଼ି ଯିବା ଲାଗି ପ୍ରବର୍ତ୍ତାଉଥିଲା। ଗତ ଫେବୃୟାରୀ ମାସର ୧ ତାରିଖ ଦିନ ପ୍ରକାଶ ଭୁବନେଶ୍ୱର ଆସି ତାଙ୍କୁ ଅପହରଣ କରିନେବା ସହିତ ତାଙ୍କୁ ଏକ ମନ୍ଦିରରେ ବିବାହ କରି କେନ୍ଦୁଝରରେ ଥିବା ନିଜ ଗାଁକୁ ଘରକୁ ନେଇଯାଇଥିଲା। ସେଠାରେ ତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ରବିବାର କେନ୍ଦୁଝରସ୍ଥିତ ଘରେ ଚଢ଼ଉ କରି ପ୍ରକାଶକୁ କାବୁ କରିବା ସହ ତା ହେପାଜତରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସୋମବାର ପ୍ରକାଶକୁ କୋର୍ଟ ଚାଲାଣ କରିଛି।

## କ୍ୟାପିଟାଲ୍ ହସ୍ପିଟାଲ୍ ରାସ୍ତା ପାଲଟିଛି ଅଳିଆଗଦା



ଭୁବନେଶ୍ୱର, ୧୮।୩(ସମିସ): କ୍ୟାପିଟାଲ ହସ୍ପିଟାଲ ରାସ୍ତା ପାଲଟିଛି ଅଳିଆ ଗଦା। ହସ୍ପିଟାଲ ଭିତରେ ଶିଶୁରୋଗ ବିଭାଗର ଆଇସିୟୁ ନିକଟରୁ ଶବବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ ଯାଉଥିବା ରାସ୍ତାରେ ଗଦା ହେଉଛି କୁଢ଼ କୁଢ଼ ପୁଣି ହସ୍ପିଟାଲ ବର୍ଜ୍ୟ। ଦିନକୁ ଦିନ ଆଳିଆ ବଢୁଥିବାରୁ ଏହାକୁ ଆଉ ବସ୍ତାରେ ପ୍ୟାକିଂ କରା ନ ଯାଇ ଖୋଲାଖୋଲି ରାସ୍ତାରେ ପକାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଅଳିଆ ମଧ୍ୟରେ ରହିଛି କଟନ୍, ବିଭିନ୍ନ ଔଷଧ, ସିରିଞ୍ଜ୍ ପ୍ରମୁଖ ଔଷଧୀୟ ବର୍ଜ୍ୟ। ଏଭଳି ଅବହେଳିତ ଅବସ୍ଥାରେ ଅଳିଆ ପଡ଼ିବା ଯୋଗୁଁ ଏଥିରେ କୁକୁର ମୁହଁ ମାରୁଛନ୍ତି। ପଶୁପକ୍ଷୀ ଏହାକୁ ଖାଉଛନ୍ତି। ଏଭଳି ପରିସ୍ଥିତି ଲାଗିରହିଲେ ଆଗକୁ ବଡ ବିପଦର ଆଶଙ୍କା କରାଯାଇ ପାରେ ବୋଲି କାର୍ଯ୍ୟରତ ଡାକ୍ତର ଓ ରୋଗୀମାନେ କହିଛନ୍ତି। ତେବେ ଅଳିଆ ଗାଡ଼ି ଅଳିଆ ନ ନେବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ହସ୍ପିଟାଲ ପକ୍ଷରୁ ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ଅଳିଆ ବସ୍ତାରେ ବହୁଦିନ ପଡ଼ି ରହିବାରୁ ବସ୍ତାରୁ ପଚା ପାଣି ବାହାରି ରାସ୍ତାରେ ମାଡୁଛି। ଏହି ପଚା ପାଣିକୁ ଗୋଡ଼ରେ ମାଡି ଲୋକେ ରାସ୍ତାରେ ଚାଲୁଛନ୍ତି। ଏହାସହ ନିକଟସ୍ଥ ୱାର୍ଡ ପାଖରେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଅଳିଆ ନ ଉଠିଲେ ଏହା ସଂକ୍ରମଣ ହେବାର ଆଶଙ୍କା ରହିଛି। ବିଏମ୍‌ସିର ସଫେଇ ଗାଡ଼ି ସେଗୁଡ଼ିକୁ ଉଠାଉନାହିଁ। ଏପରିକି ଏନେଇ ବିଏମ୍‌ସିରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ୭ ମୋବାଇଲ୍ ଜବତ; ୪ ଗିରଫ

ଭୁବନେଶ୍ୱର, ୧୮।୩ (ସମିସ)







ଚୋରି ଓ ଲୁଟ୍ ପାଟ କରିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରଘୁନାଥ ନଗରର ଦୀପୁ ଓରଫ୍ ଦୀପକ କୁମାର ସାହୁ (୨୫), ସତ୍ୟ ନଗରର ଦେବେନ୍ଦ୍ର ମାଝୀ (୨୩), ଜାଗମରା ଅଞ୍ଚଳରେ ରହୁଥିବା ସଚିନ ନାୟକ (୧୯) ଓ ପଞ୍ଚସଖା ନଗରର ସଚିନ କରିବା (୨୩)। ପୁଲିସ ସୂଚନା ଅନୁସାରେ, ଜାଗମରା ଅଞ୍ଚଳର କ୍ରିଷ୍ଣା ଗାର୍ଡେନରେ ବୀରେନ ପଟ୍ଟନାୟକ ଗତ ୧୩ ତାରିଖ ସକାଳେ ଚାଲିଚାଲି ଯାଉଥିବା ବେଳେ ଦୀପୁ ପଛ ପାଖରୁ ଆସି ତାଙ୍କ ମୋବାଇଲ ଫୋନ ବଳପୂର୍ବକ ଛଡ଼ାଇ ନେଇଯିବା ସହ ଦେବେନ୍ଦ୍ରକୁ ୩୦୦୦ ଟଙ୍କାରେ ବିକ୍ରି କରିଦେଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ଦିପୁ ଓ ଦେବେନ୍ଦ୍ରକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୩ଟି ସାଇକେଲ, ଗୋଟିଏ ମୋଟରସାଇକେଲ, ଏକ କଟର ମେସିନ ଓ ଦେବେନ୍ଦ୍ର ଠାରୁ ଲୁଟ ମୋବାଇଲ ଫୋନକୁ ଜବତ କରିଥିଲେ। ଦିପୁ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୧୭ ଗୋଟି ମାମଲା ରହିଥିବା ବେଳେ କ୍ୟାପିଟାଲ ଓ ଶ୍ରୀ ଲିଙ୍ଗରାଜ ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ସେହିପରି ଜଗମୋହନ ନଗରରେ ରହୁଥିବା ପ୍ରିୟବ୍ରତ ନାୟକ ଘରେ ନଥିବାବେଳେ ଦୁଇ ସଚିନ ତାଙ୍କ ଘରୁ ୨ ଟି ମୋବାଇଲ ଫୋନ, ବ୍ଲୁ ଟୁଥ, ଚାର୍ଜର ଓ ୧୦୦୦ ଟଙ୍କା ଚୋରି କରି ନେଇଥିଲେ। ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଆଜି ଦୁଇ ସଚିନଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୬ ଟି ମୋବାଇଲ ଫୋନ, ଏକ ବ୍ଲୁ ଟୁଥ ଓ ଚାର୍ଜର ଜବତ କରିଥିଲା।

## ଡିପ୍ ଫେକ୍ ରୋକିବାକୁ ପୁଲିସର ସ୍ୱତନ୍ତ୍ର ଖସଡ଼ା

ଭୁବନେଶ୍ୱର, ୧୮।୩(ସମିସ)

ଚଳିତବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଗଲାଣି। କିନ୍ତୁ ଏହାରି ଭିତରେ ଡିପ୍ ଫେକ ଭିଡିଓ, ଫଟୋ, ମିଛ ଖବର ପରିବେଷଣ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ନିର୍ବାଚନ ପୂର୍ବରୁ ସୋସିଆଲ ମିଡିଆକୁ ଅଧିକ ଗୁରୁତ୍ୱ ଦେଇଛି ଓଡ଼ିଶା ପୁଲିସ। ନିର୍ବାଚନ ପୂର୍ବରୁ ଫୋକସରେ ମିଛ ଓ ଗୁଜବ ଖବର। ଏପରିକି ଭୁଲ ତଥ୍ୟ ପ୍ରଚାର ଚିନ୍ତା ବଢ଼ାଇବାର ଆଶଙ୍କା ରହିଛି। ଏଥିପାଇଁ ଜଣେ ଆଇଜି ପାହ୍ୟାର ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସୋସିଆଲ ମିଡିଆରେ ଭୁଲ ତଥ୍ୟ ନିରୀକ୍ଷଣ କରିବା ସହ ସମ୍ପୃକ୍ତ ପୋଷ୍ଟକୁ ବ୍ଲକ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନୋଡାଲ ଅଧିକାରୀ ଥିବା ଆଇଜିଙ୍କୁ ସହଯୋଗ କରିବା ପାଇଁ କିଛି ଆଇଟି ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି। ଆଇଟି ବିଭାଗର ସହଭାଗିତା

**ନୋଡାଲ ଅଫିସର ହେଲେ ଆଇଜି ପାହ୍ୟାର ଅଧିକାରୀ**

**ତଦନ୍ତରେ ସହାୟତା କରିବେ ଆଇଟି ବିଶେଷଜ୍ଞ**

ସାମାଜିକ ଗଣମାଧ୍ୟମକୁ ତୀକ୍ଷ୍ଣ ନଜର ରଖାଯାଇଛି। ଯେଉଁମାନେ ସୋସିଆଲ ମିଡିଆର ଅପବ୍ୟବହାର କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଭ୍ରମିତ ସହ ସାମାଜିକ ଗଣମାଧ୍ୟମରେ ମିଛ ପ୍ରଚାର ରୋକିବାକୁ ଭୁବନେଶ୍ୱରରେ ବଛାବଛା ଅଧିକାରୀଙ୍କୁ ତାଲିମ୍ ଦିଆଯାଇଛି। ସତ ଜାଣିବା ଲାଗି ପୁଲିସ ଅଧିକାରୀଙ୍କୁ ୨୦ଜଣ ସାଇବର୍ ବିଶେଷଜ୍ଞ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସାଇବର ବିଶେଷଜ୍ଞମାନେ ଏହି ପୁଲିସ ଅଧିକାରୀଙ୍କୁ ତଦନ୍ତରେ ସହାୟତା କରିବେ। ସଫ୍ଟୱେର୍ କମ୍ପାନୀରେ କାମ କରୁଥିବା ଏହି ସାଇବର୍ ବିଶେଷଜ୍ଞମାନେ ବିଭିନ୍ନ ଠକେଇ ନେଇ ମଧ୍ୟ ପୁଲିସ ଅଧିକାରୀଙ୍କୁ ତାଲିମ୍ ଦେଉଛନ୍ତି। ଏଥିସହ ସୋସିଆଲ ମିଡ଼ିଆ ଜରିଆରେ ଭ୍ରମ ସୃଷ୍ଟି କରିବା, ଡାର୍କୱେବ୍ ଓ ଡିପ୍‌ଫେକ୍ ଭିଡିଓ ବିରୋଧରେ ଭିନ୍ନ ଭିନ୍ନ ଟିମ୍ ହୋଇ ଏହି ସାଇବର୍ ବିଶେଷଜ୍ଞମାନେ କାମ କରିବେ ବୋଲି ସୂଚନା ମିଳିଛି।



## ନିର୍ବାଚନ ପୂର୍ବରୁ ପୁଲିସର ଫ୍ଲାଗମାର୍ଚ୍ଚ

ଭୁବନେଶ୍ୱର, ୧୮ ।୩(ସମିସ): ନିର୍ବାଚନକୁ ଆଖି ଆଗରେ ରଖି ପୁଲିସ ପକ୍ଷରୁ ରାଜଧାନୀରେ ଆରମ୍ଭ ହୋଇଛି ଫ୍ଲାଗ୍‌ମାର୍ଚ୍ଚ। ନିର୍ବାଚନକୁ କିଭଳି ଅବାଧ ଓ ନିରପେକ୍ଷ କରାଯିବ ସେଥି ନିମନ୍ତେ ଭୁବନେଶ୍ୱର କମିସନରେଟ୍ ପୁଲିସର ବିଭିନ୍ନ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଯବାନ ଓ ପୁଲିସଙ୍କୁ ନେଇ ଫ୍ଲାଗ୍ ମାର୍ଚ୍ଚ କରାଯାଉଅଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ସହରରେ ପ୍ରଥମେ ଏହି ଫ୍ଲାଗ୍‌ମାର୍ଚ୍ଚର ଆରମ୍ଭ କରାଯାଇଥିଲା। ଏହି କ୍ରମରେ ଆଜି ନୂଆପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦ୍ରଧନୁ ମାର୍କେଟ, ବେହେରା ସାହି, ଗଡ଼ସାହି, ନୂଆ ସାହି, ରେଣ୍ଟାଲ କଲୋନୀ, ଭିଆଇପି କଲୋନୀ ସମେତ ସବୁ ବସ୍ତି ଅଞ୍ଚଳଗୁଡ଼ିକରେ ମାର୍ଚ୍ଚ କରାଯାଇ ସାଧାରଣ ଲୋକଙ୍କ ମନୋବଳ ସୁଦୃଢ଼ କରିବା ସହ ସେମାନଙ୍କୁ ସଚେତନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଅପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କୁ ଦମନ କରିବା ସହିତ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଭୋଟର ମାନଙ୍କର ମନୋବଳ ବୃଦ୍ଧି କରିବା ନିମନ୍ତେ ଏହି ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗ୍ ମାର୍ଚ୍ଚରେ ୨ ପ୍ଲାଟୁନ୍ ସିଆରଏଏଫ୍ ଯବାନଙ୍କ ସହିତ ସ୍ଥାନୀୟ ପୁଲିସ ଫୋର୍ସ ସାମିଲ୍ ହୋଇଥିଲେ। ଆଗାମୀ ଦିନରେ ଅନ୍ୟ ଥାନା ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

## ପୁଲିସ ପଞ୍ଝାରେ ୬ଜଣିଆ ଡକାୟତି ଗ୍ୟାଙ୍ଗ୍



ଭୁବନେଶ୍ୱର, ୧୮ ।୩(ସମିସ): ରାଜଧାନୀରେ ବଡ଼ଧରଣର ଡକାୟତି ଯୋଜନା ବ୍ୟର୍ଥ କରିଛି କମିସନରେଟ୍ ପୁଲିସ। ଡକାୟତି ଯୋଜନାରେ ସମ୍ପୃକ୍ତ ରହିଥିବା ଗ୍ୟାଙ୍ଗ୍‌ର ୬ଜଣିଆ ସଦସ୍ୟଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ସେମାନେ ହେଲେ ରାକେଶ ଦାସ, ସୁବାସ ସାହୁ, କେ ରାଜା, କାହ୍ନା ଲେଙ୍କା, ବି.ବାଶୁ ଓ ଏନ୍.ନଗେଶ। ସେମାନଙ୍କ ଘର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ। ଅଭିଯୁକ୍ତଙ୍କ ଠାରୁ ଚାପଡ, ଖେଳନା ବନ୍ଧୁକ, ସାଇକେଲ ଚେନ୍, ଲଙ୍କାଗୁଣ୍ଡ ସହ ମାରଣାସ୍ତ୍ର ଜବତ ହୋଇଛି। ପୁଲିସର କହିବା କଥା, ଗଲା ରାତିରେ ସନ୍ତୋଷୀ ବିହାର ଅନ୍ତର୍ଗତ ଲେନ-ଏରେ ଥିବା ମା' ସନ୍ତୋଷୀ ମନ୍ଦିର ପଛପାଖ ଅନ୍ଧାରିଆ ସ୍ଥାନରେ ଅଭିଯୁକ୍ତମାନେ ଏକତ୍ର ହୋଇଥିଲେ। ଓସ୍କାର ସିଟି ଅନ୍ତର୍ଗତ ପ୍ଲଟ ନମ୍ବର-୬୭ରେ ଥିବା ଦେବକାନ୍ତ ତ୍ରିପାଠୀଙ୍କ ଘରୁ ସଶସ୍ତ୍ର ଡକାୟତି ନିମନ୍ତେ ଏକ ଯୋଜନା କରିଥିଲେ। ସେଇ ସମୟରେ ଇନ୍‌ଫୋସିଟି ଥାନା ପୁଲିସ ପହଞ୍ଚି ୬ଜଣଙ୍କୁ କାବୁ କରିବା ସହ ମାରଣାସ୍ତ୍ର ଜବତ କରିଛି। ସେପରି ଅଭିଯୁକ୍ତଙ୍କ ନାମରେ ୧୦ରୁ ଅଧିକ ମାମଲା ରହିଛି।

**ମାରଣାସ୍ତ୍ର, ଖେଳନା ବନ୍ଧୁକ ଓ ଲଙ୍କାଗୁଣ୍ଡ ଜବତ**

## ନନ୍ଦନବିହାର ଡମ୍ପିୟାର୍ଡରେ ଅଗ୍ନିକାଣ୍ଡ



ନନ୍ଦନକାନନ,୧୮ ।୩(ସମିସ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୨ ନନ୍ଦନବିହାର ନିକଟସ୍ଥ ଡମ୍ପିୟାର୍ଡରେ ଅଗ୍ନିକାଣ୍ଡ ଘଟିଛି। ସାନ୍ଧ୍ୟ ୮ଟା ସୁଦ୍ଧା ଡମ୍ପିୟାର୍ଡରେ ଅଗ୍ନିକାଣ୍ଡ ଘଟି ନିଆଁ ମାଡ଼ି ଚାଲିଥିଲା। ହୁତୁହୁତୁ ହୋଇ ଜଳିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଶୈଳଶ୍ରୀବିହାର ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରି ନିଭାଇଥିଲେ। ତାଙ୍କୁ ନିଆଁକୁ ଆୟତ୍ତ କରିବାକୁ ପ୍ରାୟ ୩ଘଣ୍ଟା ଲାଗିଥିଲା। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡିନାହିଁ। ଏହା ପୂର୍ବରୁ ଏଇ କିଛି ମାସ ତଳେ ଏଠାରେ ନିଆଁ ଲାଗିଥିଲା। ଯାହାକୁ ଅଗ୍ନିଶମ ବିଭାଗର କର୍ମକର୍ତ୍ତା ଆସି ନିଆଁ ଲିଭାଇଥିବା ଜଣାପଡ଼ିଛି।

# ନାଳ ଓ ଉପକଣ୍ଠ ଅଞ୍ଚଳ ମଳ ନିଷ୍କାସନର ପେଣ୍ଠସ୍ଥଳ

ଭୁବନେଶ୍ୱର, ୧୮ ।୩(ସମିସ)

ରାଜଧାନୀରେ ଥିବା ପ୍ରାକୃତିକ ନାଳ ଓ ଉପକଣ୍ଠ ଅଞ୍ଚଳରେ ସେସପୁଲ ଗାଡ଼ିଗୁଡ଼ିକ ପାଇଁ ପାଲଟିଛି ମଳ ନିଷ୍କାସନର ପେଣ୍ଠସ୍ଥଳ। ଏହି ଗାଡ଼ିଗୁଡ଼ିକ ଲୁଚାଛପା ଭାବେ ମଳ ନିଷ୍କାସନ କରି ଚାଲିଯାଉଛନ୍ତି। ଲୋକେ ଏମାନଙ୍କ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାକୃତିକ ନାଳ ପ୍ରଦୂଷିତ ହେଉଛି। କିଛିଦିନ ତଳେ ବରମୁଣ୍ଡା, ଫାୟାର ଷ୍ଟେସନ, କଳିଙ୍ଗବିହାର, ନିକୋପାର୍କରେ ଥିବା ପ୍ରାକୃତିକ ନାଳରେ ସେସ୍‌ପୁଲ ଗାଡ଼ିଗୁଡ଼ିକ ମଳ ନିଷ୍କାସନ କରି ଏହାକୁ ହଟ୍‌ସ୍ପଟ୍‌ରେ ପରିଣତ କରିଥିଲେ। ସେସ୍‌ପୁଲ ଗାଡ଼ିର ବିଏମ୍‌ସି ପକ୍ଷରୁ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରାଗଲା। ପ୍ରାକୃତିକ ନାଳରେ ମଳ ନିଷ୍କାସନ କଲେ ଗାଡ଼ି ସିଜ୍ କରିବା ସହ ମାଲିକଙ୍କ ଉପରେ ମୋଟା ଅଙ୍କର ଜରିମାନା ଆଦାୟ କରାଗଲା ଓ ଥାନାରେ ଏତଲା ଦିଆଗଲା। ଏହି କ୍ରମେରେ ଗତ ୬ମାସ ତଳେ ୨ଟି ସେସ୍‌ପୁଲ ଗାଡ଼ି ବିରୋଧରେ ବରମୁଣ୍ଡାସ୍ଥିତ ପ୍ରାକୃତିକ ନାଳରେ ମଳ ନିଷ୍କାସନ କରୁଥିଲା ବେଳେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯାଇଥିଲା। ଏହାପରେ ବି କିଛି ଅମାନିଆ ଓ ଅଣପଞ୍ଜିକୃତ ଗାଡ଼ିଗୁଡ଼ିକ ବରମୁଣ୍ଡାରେ ନାଳରେ ସନ୍ଧ୍ୟା କିମ୍ବା ରାତିରେ ମଳ ନିଷ୍କାସନ କରି ଦେଉଛନ୍ତି। ଏବେ ଏମାନଙ୍କର ମଳ ନିଷ୍କାନର ନୂଆ ଠିକଣା ପାଲଟିଛି ଉପକଣ୍ଠର ଜଙ୍ଗଲିଆ ସ୍ଥାନ ଓ ଏଠାରେ ପ୍ରବାହିତ ହେଉଥିବା ପ୍ରାକୃତିକ ନାଳ। ଦାରଠେଙ୍ଗ, ପଟିଆରୁ ଚକେଇ ସିଆଣୀ ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ।

ବର୍ଜ୍ୟମଳ ପ୍ରକ୍ରିୟାକରଣ କରିବାକୁ ବିଏମ୍‌ସି ଏଫ୍‌ଏସ୍‌ଟିପି ଓ ଏସ୍‌ଟିପି ନିର୍ମାଣ କଲା। ରାଜଧାନୀରେ ବାସୁଆଘାଇ ଏବଂ ରୋକଟରେ ୨ଟି ଏଫ୍‌ଏସ୍‌ଟିପି ଥିଲା ବେଳେ ବିଭିନ୍ନ ସ୍ଥାନରେ ୫ଟି ଏସ୍‌ଟିପି ନିର୍ମାଣ କରାଗଲା। ଏଠାରେ ସେସ୍‌ପୁଲ ଗାଡ଼ିଗୁଡ଼ିକ ଆସି ମଳ ନିଷ୍କାସନ କଲେ। ହେଲେ କିଛି ଗାଡ଼ିଗୁଡ଼ିକ ପଞ୍ଜୀକରଣ କରୁ ନ ଥିବାରୁ ଏଫ୍‌ଏସ୍‌ଟିପି ଓ ଏସ୍‌ଟିପିକୁ ମଇଳା ନେଇ ଯାଇ ପାରୁନାହାନ୍ତି। ଯେଉଁଠି ସୁଯୋଗ ପାଉଛନ୍ତି ମଇଳା ଫୋପାଡ଼ି ଚାଲିଯାଉଛନ୍ତି। ଏମାନଙ୍କୁ ସାବାଡ଼ କରିବାକୁ ବିଏମ୍‌ସି, ଟ୍ରାଫିକ ଓ ଆର୍‌ଟିଓ କର୍ମଚାରୀଙ୍କ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ହେଲେ ଏହି ଟାସ୍କଫୋର୍ସ ଆଖିରେ ଧୂଳିଦେଇ ଏମାନେ ନିୟମ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ କିଛି ଗାଡ଼ି ପଞ୍ଜୀକରଣ କରି ମଧ୍ୟ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି। ଏମାନଙ୍କୁ ସାବାଡ଼ କରିବାକୁ ପ୍ରତ୍ୟେକ ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା କରିବାକୁ କୁହାଯାଇଛି। ବିଏମ୍‌ସି ଦ୍ୱାରା ପରିଚାଳିତ ହେଉଥିବା ୧୫ଟି ଯାକ ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା କରାଯାଇଛି। ଘରୋଇ ୩୮ ଗାଡ଼ି ମଧ୍ୟରୁ କିଛି ଗାଡ଼ି ଜିପିଏସ୍ ଲଗାଇଛନ୍ତି। ଆଗାମୀ ଦିନରେ ସମସ୍ତ ପଞ୍ଜିକୃତ ଗାଡ଼ିରେ ଜିପିଏସ୍ ଲଗାଯିବ। ଏହାପରେ ଏହାକୁ ନିୟମିତ ଟ୍ରାକ୍ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

**ଅଣପଞ୍ଜିକୃତ ଗାଡ଼ି ଉପରେ ବିଏମ୍‌ସିର ନଜର**

**ପଞ୍ଜିକୃତ ସେସ୍‌ପୁଲ୍ ଗାଡ଼ିରେ ଲାଗିବ ଜିପିଏସ୍**




### ମାଳମାଳ ଅଣପଞ୍ଜିକୃତ ସେସ୍‌ପୁଲ୍ ଗାଡ଼ି

ମିଳିଥିବା ସୂଚନା ମୁତାବକ, ପଞ୍ଜୀକରଣରେ ନ କରି କିଛି ସେସ୍‌ପୁଲ୍ ଗାଡ଼ି ମାଲିକ ରାଜରାସ୍ତାରେ ନିଜ ଗାଡ଼ିକୁ ଧାଁ ଧପଡ଼ କରୁଛନ୍ତି। ଗାଡ଼ିଗୁଡ଼ିକ ପାଖରେ ବିଏମ୍‌ସି ସାର୍ଟିଫିକେଟ ନାହିଁ କି ଆରଟିଓର ବୈଧ ଅନୁମତି ବି ନାହିଁ। କେତେଜଣ ମାଲିକ ପାଣି ଟ୍ୟାଙ୍କରକୁ ସେସପୁଲ ଗାଡ଼ି ଭାବେ ବ୍ୟବହାର କରୁଛନ୍ତି। ଏଭଳି ଗାଡ଼ିକୁ ଅନୁମତି ନ ମିଳିବାରୁ ଏମାନେ ଚୋରାରେ ବ୍ୟବସାୟ ଚଳାଇଛନ୍ତି। ଗାଡ଼ିଗୁଡ଼ିକ ସନ୍ଧ୍ୟା ଏବଂ ରାତିରେ ବାହାରକୁ ବାହାରୁଛନ୍ତି। ସହରରେ ବହୁ ସଂଖ୍ୟାରେ ସେସ୍‌ପୁଲ ଗାଡ଼ି ଥିଲେ ମଧ୍ୟ ମାତ୍ର ୩୮ ଟି ଘରୋଇ ସେସ୍‌ପୁଲ ଗାଡ଼ି ଏବେ ପର୍ଯ୍ୟନ୍ତ ବିଏମ୍‌ସି ନିକଟରେ ପଞ୍ଜୀକରଣ ହୋଇଛି। ତେବେ ଅଣପଞ୍ଜିକୃତ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏମ୍‌ସି ଏବେ ନଜର ରଖିଛି।

## ନକଲି ଇଡି ଅଧିକାରୀ କହି ଠକିବା ମାମଲା | ଆସିଲା ଆର୍ଥିକ କାରବାର ତଥ୍ୟ; ଆକାଉଣ୍ଟ ଅଚଳ

ଭୁବନେଶ୍ୱର, ୧୮ ।୩(ସମିସ)

ନିଜକୁ ଇଡ଼ି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ଅଧିକାରୀ କହି ଠକେଇ କରି ଗିରଫ ହୋଇଥିବା ଢେଙ୍କାନାଳର ତାରିଣୀ ସେନ ମହାପାତ୍ର ଓ ବ୍ରହ୍ମଶଙ୍କର ମହାପାତ୍ରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଦୁଇ ଭାଇଙ୍କ ଆର୍ଥିକ କାରବାର ଏବଂ ସେମାନଙ୍କ ନାଁରେ ଆଉ କେତେ ଆକାଉଣ୍ଟ ରହିଛି ସେନେଇ ଆରବିଆଇକୁ ଚିଠି ଲେଖାଯାଇଥିଲା। ଏହି ଚିଠି ଆଧାରରେ ଆର୍‌ବିଆଇ ତଥ୍ୟ ଦେଇଥିବା ଜଣାପଡ଼ିଛି। ସେମାନଙ୍କ ନାମରେ ୨୦ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ଥିବା ୫ଟି ଆକାଉଣ୍ଟ ଠାବ କରାଯାଇଛି। ତେଣୁ ଦୁଇ ଭାଇ ବ୍ୟାଙ୍କ୍ ଲକର୍‌ରେ ଯାଞ୍ଚ କରାଯିବ। ଠାବ ହୋଇଥିବା ସମସ୍ତ ବ୍ୟାଙ୍କ୍ ଆକାଉଣ୍ଟକୁ ଏସ୍‌ଟିଏଫ ଫ୍ରିଜ୍ କରିଛି। ଏସ୍‌ଟିଏଫ ଦୁଇ ଭାଇଙ୍କ ସିଡିଆର୍ ଯାଞ୍ଚ କରିବା ପରେ ଜଣାପଡ଼ିଛି କେବଳ ସରକାରୀ ଅଫିସର ନୁହେଁ ଅନ୍ୟ ପୁଲିସ ଅଧିକାରୀଙ୍କୁ ମଧ୍ୟ ଇଡି ଅଫିସର କହି ଟଙ୍କା ଠକିଥିବା ଜଣାପଡ଼ିଛି। ତେଣୁ ଯେଉଁମାନଙ୍କୁ ଦୁଇ ଭାଇ ଫୋନ୍ କରି ଟଙ୍କା ଆଦାୟ କରିଛନ୍ତି, ସେମାନଙ୍କ ବୟାନ ଗ୍ରହଣ କରିଛି ଏସ୍‌ଟିଏଫ। ସେମାନଙ୍କୁ କିଭଳି ଭାବେ ଠକେଇ କରିଛି ସେ ସମ୍ପର୍କରେ ପଚାରି ବୁଝାଯାଇଛି। ଆହୁରି ମଧ୍ୟ ଦୁଇ ଭାଇଙ୍କ ଠାରୁ ଜବତ ହୋଇଥିବା ଲାପ୍‌ଟପ ଏବଂ କମ୍ପ୍ୟୁଟର ସେମାନଙ୍କର ଠକେଇର ଗୁମର ଖୋଲିବ। ତେଣୁ ଏହି ସବୁ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀକୁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ଏସ୍‌ଟିଏଫ ପଠାଇ ଦେଇଥିବା ଜଣାପଡ଼ିଛି। ଅନ୍ୟପଟରେ ତଦନ୍ତ ଅଧିକାରୀ ଦୁଇ ଭାଇଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ଖୋଳତାଡ଼ କରୁଛନ୍ତି।

**ପୁଲିସ ଅଧିକାରୀଙ୍କୁ ବି ମାଗିଥିଲେ ଟଙ୍କା**

**ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଜବତ ଇଲୋକ୍ଟ୍ରୋନିକ୍ ସାମଗ୍ରୀ**

ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହନ୍ତ ଜାଣିବା ପରେ ଏସ୍‌ଟିଏଫରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଏସ୍‌ଟିଏଫ ମାମଲା ରୁଜୁ କରି ଉପ ଜିଲ୍ଲାପାଳଙ୍କୁ ଆସିଥିବା ଫୋନ୍ କଲ୍‌କୁ ଟ୍ରାକ୍ କରି ଢେଙ୍କାନାଳରୁ ଦୁଇ ଭାଇଙ୍କୁ ଗିରଫ କରାଯାଇଥିଲା। ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ୨ଭାଇ ଠକେଇ ରାସ୍ତାକୁ ଆପଣାଇଥିଲେ। ସେମାନେ ସରକାରୀ ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ବିଶେଷ କରି ତହସିଲଦାର, ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଆରଟିଓ, ଜେଇ ଏବଂ ଅନ୍ୟାନ୍ୟ ସରକାରୀ ଅଫିସରଙ୍କୁ ଠକିବା ପାଇଁ ଯୋଜନା କରିଥିଲେ। ନିକଟରେ ଇଡି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ନେଇ ଖବର କାଗଜ ଏବଂ ଟିଭିରେ ପ୍ରସାରଣ ହେଉଛି। ତେଣୁ ଦୁଇ ଭାଇ ଏହି ଇଡ଼ି ଖବରକୁ ଗୁରୁତର ସହ ଦେଖନ୍ତି ଏବଂ ଖବରକାଗଜରେ ବାହାରିଥିବା ଖବର୍‌କୁ କାଟି ରଖନ୍ତି। ତେଣୁ ଶେଷରେ ସେମାନେ ଇଡି ଅଫିସ୍‌ର କହି ଠକେଇ କରିବା ପାଇଁ ସ୍ଥିର କରି ଠକେଇ କରୁଥିବା ଜଣାପଡ଼ିଛି।

## ଫସିଲେ ୭୦ ମଦୁଆ ଚାଳକ; ୭୮ ଗାଡ଼ି ଜବତ

ଭୁବନେଶ୍ୱର, ୧୮ ।୩(ସମିସ): ମଦ୍ୟପ ଚାଳକଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ମଦୁଆ ଚାଳକଙ୍କ ଦମନ କ୍ଷେତ୍ରରେ ଧରପଗଡ଼କୁ ଜୋର୍‌ଦାର କରିଛି କମିସନରେଟ୍ ପୁଲିସ। ଏହି କ୍ରମରେ ଶନିବାର ଓ ରବିବାର ପୁଣି ୭୦ଜଣ ମଦ୍ୟପ ଚାଳକଙ୍କୁ ଧରିବା ସହ ମାମଲା ରୁଜୁ କରାଯାଇଛି। ମଦପିଇ ଗାଡ଼ି ଚଳାଉଥିବା ୭୮ଟି ଦୁଇ ଓ ଚାରିଚକିଆ ଗାଡ଼ିଗୁଡିକୁ ଜବତ କରାଯାଇଛି। ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର, ଖାରବେଳନଗର ସମସ୍ତ ଥାନା ଅଞ୍ଚଳରେ ଧରପଗଡ଼ କରାଯାଉଛି।

## 'ପାରଦର୍ଶୀ'ରେ ପଞ୍ଜୀକରଣ କରୁନାହାନ୍ତି ଘରୋଇ ବିଦ୍ୟାଳୟ

ଭୁବନେଶ୍ୱର, ୧୮ ।୩(ସମିସ): ପାରଦର୍ଶୀ ପୋର୍ଟାଲ୍‌ରେ ସମସ୍ତ ଘରୋଇ ବିଦ୍ୟାଳୟ ପଞ୍ଜୀକରଣ କରୁନାହାନ୍ତି। ଗତ ୨୦୨୩-୨୪ ଶିକ୍ଷାବର୍ଷରେ ସମୁଦାୟ ୪୨୬୪ଟି ବିଦ୍ୟାଳୟ ପଞ୍ଜୀକରଣ କରିଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏଯାଏଁ ମାତ୍ର ୩୨୫୦ଟି ବିଦ୍ୟାଳୟ ପଞ୍ଜୀକରଣ କରିଛନ୍ତି। ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁଯାୟୀ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଗଣାରେ ପାଠପଢ଼ି ପାରିବେ। ବହୁ ବିଦ୍ୟାଳୟ ପଞ୍ଜୀକରଣ କରୁ ନ ଥିବାରୁ ଗରିବ ଛାତ୍ରଛାତ୍ରୀମାନେ ସରକାରଙ୍କ ଏହି ସୁବିଧା ପାଇବାରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପଞ୍ଜୀକରଣ କରୁ ନ ଥିବାରୁ ପୂର୍ବରୁ ସେହି ବିଦ୍ୟାଳୟରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାହିଁଲେ ପର୍ଯ୍ୟାୟକ୍ରମେ ବିଦ୍ୟାଳୟରୁ ବାହାର କରିଦେଇପାରିବେ। ଏପରି ଅଭିଯୋଗ କରିବା ସହ ପଞ୍ଜୀକରଣ କରି ନ ଥିବା ବିଦ୍ୟାଳୟକୁ ପଞ୍ଜୀକରଣ କରିବା ଦାବିରେ ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କାର୍ଯ୍ୟାଳୟ ଆଗରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବକୁ ଦାୟୀ କରି ସମସ୍ତ ବିଦ୍ୟାଳୟକୁ ପଞ୍ଜୀକରଣ କରିବା ପାଇଁ ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି। ଅଧିକାରୀମାନେ ଆଲୋଚନାକୁ ନ ଆସିବାରୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ମହାସଂଘର କର୍ମକର୍ତ୍ତା। ଫଳରେ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲା। ଦୁଇଦିନ ମଧ୍ୟରେ ସମାଧାନ କରିବାକୁ ମହାସଂଘ ଅନୁରୋଧ କରିଛି। ଅନ୍ୟଥା ପୁନଃ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ଆବାହକ କଳ୍ପନା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ପ୍ରମୁଖ ପରିଚାଳନା କରିଥିବାବେଳେ ଉପଦେଷ୍ଟା ବିଜୟ କେତନ ନନ୍ଦ, ଦାଶରଥି ସାମନ୍ତରାୟ, ମୀନାରାଣୀ ଦାସ, ସଦାନନ୍ଦ ଗଣ୍ଡ, ବିଜୟଲକ୍ଷ୍ମୀ ସାହୁ, ବାବୁଲା ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଅବ୍ୟବସ୍ଥିତି 'ରମାଦେବୀ' ସମ୍ମୁଖ ରାସ୍ତା

# ଫାଟକ ମୁହଁରେ ଫୁଟ୍‌ପାଥ୍




ଭୁବନେଶ୍ୱର, ୧୮ ।୩(ସମିସ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଫାଟକ ସାମ୍ନାରେ ଫୁଟ୍‌ପାଥ୍। ଫାଟକର ବାମକୁ ଲାଗି ଡିଭାଇଡର୍ ଅଛି। ମୁଖ୍ୟରାସ୍ତାକୁ ଯିବା ପାଇଁ ହେଲେ ଫାଟକରୁ ବାହାରୁ ବାହାରୁ ବାମକୁ ବୁଲି ରୁପାଲି-ବାଣୀବିହାର ରାସ୍ତା ବୁଲି ଯିବାକୁ ପଡୁଛି। ସେହିପରି ରାସ୍ତାରୁ ଭିତରକୁ ଯିବାକୁ ହେଲେ ମୁଖ୍ୟ ଫାଟକ ଅତିକ୍ରମ କରି ବାମକୁ ୟୁ ଟର୍ଣ୍ଣ କରି ଭିତରକୁ ବୁଲି ଯିବାକୁ ପଡୁଛି। ଫଳରେ ବହୁ ସମୟରେ ଏଠାରେ ଛୋଟବଡ଼ ଦୁର୍ଘଟଣା ହେଉଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଫାଟକ ନିର୍ମାଣ ପୂର୍ବରୁ ରାସ୍ତା ଓ ଡିଭାଇଡର୍ ନିର୍ମାଣ କରାଯାଇଛି। ଫାଟକ ନିର୍ମାଣ କରିବା ପରେ ଏହାର ବାମପାର୍ଶ୍ୱରେ ଡିଭାଇଡର୍ ରହିଛି। ଭିତରୁ ବାହାରିବା ବେଳେ ରାସ୍ତାରୁ ଆସୁଥିବା ଯାନବାହାନ ସଠିକ ଭାବେ ଦେଖାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତାରୁ ଭିତରକୁ ଯାଉଥିବା ଯାନବାହନ ଫାଟକର ପ୍ରବେଶ ବଦଳରେ ପ୍ରସ୍ଥାନ ବାଟଦେଇ ବାହାରକୁ ଯାଉଛି। ପ୍ରବେଶ ପଥ ଦେଇ ଭିତରକୁ ଯିବାକୁ ହେଲେ ଅଧିକ ବାମକୁ ଯିବାକୁ ପଡୁଛି। ଏପରିକି ବଡ଼ ଗାଡ଼ି ଏକାଥରେ ବୁଲିପାରୁ ନ ଥିବା ମଧ୍ୟ ଦେଖାଯାଉଛି। ତେଣୁ ଫାଟକର ପ୍ରବେଶ ପଥ ଏକରକମ ବନ୍ଦ ହୋଇଯାଇଛି। ପ୍ରସ୍ଥାନ ପଥରେ ଉଭୟ ଯିବା ଆସିବା ହେଉଛି। ଏନେଇ ଫାଟକରୁ ରାସ୍ତାକୁ ସଳଖ ରାସ୍ତା କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମସି), ସ୍ମାର୍ଟ ସିଟି ଅଥରିଟି ଓ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଅବଗତ କରାଯାଇଛି। ହେଲେ ଦୀର୍ଘ ୩ ବର୍ଷ ବିତିଯିବା ପରେ ମଧ କୋଣସି ସଂସ୍ଥା ପଦକ୍ଷେପ କରି ନାହାନ୍ତି ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଅପରାଜିତା ଚୌଧୁରୀ କହିଛନ୍ତି। ଫଳରେ ବିପଦପୂର୍ଣ୍ଣ ଭାବେ ସମସ୍ତେ ଯାତାୟତ କରିବାକୁ ବାଧ ହେଉଛନ୍ତି। ଉକ୍ତ ଅଞ୍ଚଳ ବିଶ୍ୱବିଦ୍ୟାଳୟ ଅଧୀନରେ ଆସୁ ନ ଥିବାରୁ ସଳଖ ରାସ୍ତା ସେମାନେ କରିପାରୁ ନ ଥିବା ମଧ କ୍ଷୋଭର ସହ ପ୍ରକାଶ କରିଛନ୍ତି।

**୩ ବର୍ଷ ହେଲା ଦାବି କରୁଛନ୍ତି କର୍ତ୍ତୃପକ୍ଷ**

**ଶୁଣୁନି ବିଡିଏ କି ଶୁଣୁନି ବିଏମ୍‌ସି**

**ଚିଠି ଲେଖିଲେଖି ଥକି ଗଲେଣି କର୍ତ୍ତୃପକ୍ଷ**

## ଗୋଲକୋଣ୍ଡା ଦୁର୍ଗରେ ନିଶାମୁକ୍ତିର ବାର୍ତ୍ତା

ଭୁବନେଶ୍ୱର, ୧୮ ।୩(ସମିସ): ନିଶାମୁକ୍ତ ଜୀବନ ଜିଇଁବାର ବାର୍ତ୍ତା ଦେଲେ ହାଇଦରାବାଦର ଗୋଲକୋଣ୍ଡା ଦୁର୍ଗରେ ଓଡ଼ିଆ ପୁଅ ମହମ୍ମଦ ଇମ୍ରାନ ଅଲ୍ଲୀ ଓ ଅନୁଜ ଦାସ। ନିଶା ସେବନ ଓ ସମସ୍ୟା ସମ୍ପର୍କିତ ପୋଷ୍ଟର ଧରି ପର୍ଯ୍ୟଟକମାନଙ୍କୁ କଲେ ସଚେତନ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଲାମ ଜୀବନ ଓଡ଼ିଶା ସମେତ ଦେଶ ବାହାରେ ନିଶା ବିରୋଧରେ ଜନ ସଚେତନତା କରୁଥିବାବେଳେ ହାଇଦରାବାଦର ଗୋଲକୋଣ୍ଡା ଦୁର୍ଗରେ ଏହି ସଚେତନତା ଆରମ୍ଭ କରିଛନ୍ତି। ତମାଖୁ, ମଦ୍ୟପାନ ତଥା ଅନ୍ୟାନ୍ୟ ଡ୍ରଗ୍ସ ଠାରୁ ଦୂରରେ ରହିବା ସହ ଛୋଟ ପିଲାଙ୍କ ଦ୍ୱାରା କୌଣସି ନିଶାଦ୍ରବ୍ୟ ନ ଆଣିବାକୁ ବାର୍ତ୍ତା ପ୍ରଦାନ କରିବା ସହ ପିଲାମାନଙ୍କୁ ଏହି ସମସ୍ତ ପ୍ରକାର ପଦାର୍ଥରୁ ଦୂରରେ ରଖିବା ପାଇଁ ପର୍ଯ୍ୟଟକଙ୍କୁ ବୁଝାଇଛନ୍ତି। ସେହିପରି ଯୁବକ ଏବଂ ଶିଶୁମାନଙ୍କ ସହ ନିଶା ସେବନର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେମାନେ କିପରି ନିଶାମୁକ୍ତ ଜୀବନଯାପନ କରିବେ ସେ ଦିଗରେ ମାର୍ଗଦର୍ଶନ କରିଛନ୍ତି। ତେବେ ଦୁଇ ଓଡ଼ିଆଙ୍କ ଏହି ବାର୍ତ୍ତା ଗୋଲକୋଣ୍ଡା ଦୁର୍ଗ ବୁଲି ଆସିଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥିଲା। ସାଧାରଣତଃ ପର୍ଯ୍ୟଟନସ୍ଥଳୀରେ ନିଶାସେବନ କରି ପରିବେଶକୁ ଦୂଷିତ କରିବାର ନଜିର ରହିଛି। ପର୍ଯ୍ୟଟନସ୍ଥଳୀକୁ ସ୍ୱଚ୍ଛ ରଖିବା ସହ ନିଜ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ସଲାମ ଜୀବନ ନିଶା ବିରୋଧରେ ଏହି ଜନସଚେତନତା କରାଯାଉଥିବା ସହ ବାର୍ତ୍ତା ପ୍ରଦାନ କରାଯାଉଥିବା ଶ୍ରୀ ଅଲ୍ଲୀ କହିଛନ୍ତି।







# ଦୋଳ ପାଇଁ ଉପକଣ୍ଠ ଚଳଚଞ୍ଚଳ






ଭୁବନେଶ୍ୱର, ୧୮ ।୩ (ସମିସ)

ଋତୁରାଜ ବସନ୍ତର ଆଗମନରେ ଫୁଲେଇ ଫଗୁଣ ଧରାପୃଷ୍ଠକୁ ଅବତରଣ କରିଛି । ସବୁଜ ଗଛପତ୍ର ସହିତ ପଳାଶ ଓ ଶିମିଳି ଫୁଲର ନାଲି ଓଢ଼ଣୀରେ ସଜେଇ ହୋଇଛି ପ୍ରକୃତି ରାଣୀ । ପ୍ରକୃତିକୁ ସ୍ୱାଗତ କରିବା ପାଇଁ ଫଗୁଣ ନେଇ ଆସିଛି ରଙ୍ଗର ପର୍ବ ଦୋଳଯାତ୍ରା ଓ ହୋଲି । ପବିତ୍ର ଦୋଳପୂର୍ଣ୍ଣିମା ଅବସରରେଉତ୍ସବମୁଖର ହୋଇଉଠିଛି ରାଜଧାନୀ ଓ ଉପକଣ୍ଠ । ଚାରିଆଡ଼େ ଉତ୍ସବ ଓ ଆଧ୍ୟାତ୍ମିକତାର ପରିବେଶ । ଉପକଣ୍ଠବର୍ତ୍ତୀ ୪୦ଟି ଗାଁରେ ଦୋଳ ମେଳଣ ଓ ଫଗୁ ଖେଳ ଅନୁଷ୍ଠିତ ହେବ । ପ୍ରାୟ ସବୁ ଗାଁରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ମେଳଣ ପ୍ରସ୍ତୁତି । ଶ୍ୟାମପୁର ଠାରୁ ଆରମ୍ଭ ହେଉଥିବା ଏହି ଉତ୍ସବ କାଶିପୁର ଠାରେ ଶେଷ ହେବ । ଶ୍ରୀରାଧାକୃଷ୍ଣ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ଚାଚେରି ଭୋଗ ଖାଇବାର ବ୍ୟବସ୍ଥା ରହିଛି । ପରେ ମେଳଣ ପଡ଼ିଆକୁ ବିଜେ କରିବେ । ଉତ୍ସବର ଶେଷ ଦିନରେ ଅନ୍ୟ ଗାଁ ଗୁଡ଼ିକରୁ ଆସିଥିବା ଦୋଳ ବିମାନକୁ ନେଇ ମେଳଣ ଅନୁଷ୍ଠିତ ହେବାକୁ ଯାଉଛି ।

## ଗାଁ ଗାଁରେ ଯାତ୍ରା; ଘରେ ଘରେ କୁଣିଆ

ଦୋଳ ମେଳଣ ଅବସରରେ ରାଜଧାନୀ ଉପକଣ୍ଠ ଚଳଚଞ୍ଚଳ ହୋଇଉଠିଛି । ଭାଇଚାରାର ବାର୍ତ୍ତା ନେଇ ଗୋଷ୍ଠୀ ଗୋଷ୍ଠୀ ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହି ପର୍ବ ଗ୍ରାମର ପିଲା ଠାରୁ ବୁଢ଼ା ଯାଏଁ ସଭିଙ୍କ ମନରେ ଭରି ଦେଇଛି ଆନନ୍ଦ ଉଲ୍ଲାସ । ପ୍ରତି ଗାଁରେ ଜମାଣ ଠାରୁ ହରିହର ଭେଟ ପର୍ଯ୍ୟନ୍ତ ୩ ଦିନ ଧରି ଗାଁ ମାନଙ୍କରେ ଉତ୍ସବର ପରିବେଶ ଲାଗି ରହିଥାଏ । ରାଜଧାନୀ ଉପକଣ୍ଠର ଶ୍ୟାମପୁର, ଜାଗମରା, ଜାଗସରା ପାଟଣା, ତମାଣ୍ଡୋ, ପାତ୍ରପଡ଼ା, ଆଇଗିଣିଆ, ସରକନ୍ତରା, ଛତାବର, ନଁପୁଟ, ମଦନପୁର, ମୁଣ୍ଡମୁହାଁଣ, ଚନ୍ଦକା, ଶିମିଳିପାଟଣା, ମେଣ୍ଢାଶାଳ, ଦାରୁଠେଙ୍ଗ, ଘାଟିକିଆ, କାଟେଣୀ, ଭଗବାନପୁର, ମଳିପଡ଼ା, ସୁଆଙ୍ଗ, ବାହାଦଲପୁର, କଣ୍ଟାବାଡ଼, କାଇମାଟିଆ, ପଳାସପୁର, ଗଙ୍ଗପଡ଼ା, ଅନ୍ଧାରୁଆ, ମହୁରା, ପାଇକରାପୁର, ପାଇକରାପୁର (ମହାଜନ ସାହି), ପାଣିଓରା, ଜାଗସରା, କାଶିପୁର ଆଦି ଗ୍ରାମମାନଙ୍କରେ ଦୋଳ ଯାତ୍ରା ବେଶ ଧୁମଧାମରେ ପାଳନ କରାଯାଏ । ଗାଁ କମିଟିମାନଙ୍କ ପକ୍ଷରୁ ପଡ଼ିଥିବା ଫ୍ରି ସେଲ୍ ଅପେରା ଦୋଳ ଉତ୍ସବକୁ ଆହୁରି ରଙ୍ଗୀନ୍ କରିଥାଏ । ନାମୀଦାମୀ ଅପେରା ପାର୍ଟିଙ୍କ ନାଟକ ଦେଖିବା ପାଇଁ ଯାତ୍ରା ପଡିଆରେ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି ।

## ଚାଚେରି ଭୋଗ ଖିଆ

ଆସନ୍ତା ୨୧ ତାରିଖ ଦିନ ଶ୍ୟାମପୁର ମେଳଣ ଅନୁଷ୍ଠିତ ହେବ । ପରେ ପରେ ଅନ୍ୟ ଗାଁଗୁଡ଼ିକରେ ଦୋଳ ପର୍ବ ଅନୁଷ୍ଠିତ ହେବ । ଫଗୁ ଦଶମୀ ଠାରୁ ଗାଁ ଗୁଡ଼ିକରେ ଚାଚେରି ଭୋଗ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଭୋଗଖିଆର ଅନ୍ତିମ ଦିନରେ ଜମାଣ ଅନୁଷ୍ଠିତ ହେବା ସହିତ ଓ ଥାନପତି ବିଜେ କରିବେ । ଦୋଳ ମେଳଣରେ ବିଭିନ୍ନ ଗ୍ରାମର ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପରମ୍ପରା ଅନୁସାରେ, ଠାକୁରମାନେ ଆସି ଗାଁ ମୁଣ୍ଡରେ ପହଞ୍ଚିବା ପରେ ଗ୍ରାମର ପୂଜକ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ପାଛୋଟି ନେବାର ବ୍ୟବସ୍ଥା ରହିଛି । ମେଳଣର ଶେଷ ଦିନରେ ଠାକୁରମାନଙ୍କୁ ଭୋଗ ହାଣ୍ଡି ଲାଗି କରାଯାଇ ହରିହର ଭେଟ ପର୍ବ ଅନୁଷ୍ଠିତ ହେବ । ହରିହର ଭେଟ ସମୟରେ ବାଜା ଓ ବାଣରେ ମେଳଣ ପଡ଼ିଆ କମ୍ପି ଉଠିଥାଏ । ହରିହର ଭେଟ ସରିବା ପରେ ଥାନପତି ଅତିଥି ଠାକୁରମାନଙ୍କୁ ବିଦାୟ ଦିଅନ୍ତି ଓ ସମସ୍ତ ଠାକୁର ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବେ ।

| କେଉଁଠି | କେଉଁ ପାର୍ଟି | କେବେ |
|---|---|---|
| ଶ୍ୟାମପୁର | ଯାତ୍ରା ଇନ୍ଦ୍ରଭୁବନ | ମାର୍ଚ୍ଚ ୧୯ ରୁ ୨୧ |
| ଜାଗମରା | ମା ଗଣନାଟ୍ୟ | ମାର୍ଚ୍ଚ ୨୨ ରୁ ୨୩ |
| ଜାଗସରା | ମା ଦୁର୍ଗା ଗଣନାଟ୍ୟ | ମାର୍ଚ୍ଚ ୨୩ ରୁ ୨୪ |
| ଘାଟିକିଆ | ସ୍ୱର୍ଣ୍ଣ ମହଲ | ମାର୍ଚ୍ଚ ୩୧ ରୁ ଏପ୍ରିଲ ୨ |
| ତମାଣ୍ଡୋ | ଓଡ଼ିଶା ଅପେରା | ମାର୍ଚ୍ଚ ୨୬ ରୁ ୨୮ |
| ପାତ୍ରପଡ଼ା | ରାଜଧାନୀ ଅପେରା | ମାର୍ଚ୍ଚ ୨୫ ରୁ ୨୭ |
| ଛତାବର | ଗୌରୀ ଗଣନାଟ୍ୟ | ମାର୍ଚ୍ଚ ୨୬ ରୁ ୨୮ |
| ମଦନପୁର | ଦୁର୍ଗାଶ୍ରୀ ଗଣନାଟ୍ୟ | ମାର୍ଚ୍ଚ ୨୯ ରୁ ୩୧ |
| ମୁଣ୍ଡ ମୁହାଁଣ | ଉତ୍କଳ ସମ୍ରାଟ | ମାର୍ଚ୍ଚ ୨୯ ରୁ ୩୧ |
| ଚନ୍ଦକା | ଅପେରା ସୂର୍ଯ୍ୟ ମନ୍ଦିର | ମାର୍ଚ୍ଚ ୨୭ ରୁ ୨୯ |
| ଶିମିଳିପାଟଣା | ସ୍ୱପ୍ନ ମହଲ | ମାର୍ଚ୍ଚ ୨୭ ରୁ ୨୯ |
| କାଟେଣୀ | ଅଶୋକ ସମ୍ରାଟ | ଏପ୍ରିଲ ୨ ରୁ ୪ |
| ମଳିପଡ଼ା | ଅପେରା ସୂର୍ଯ୍ୟ ମନ୍ଦିର | ଏପ୍ରିଲ ୬ ରୁ ୮ |
| ଭଗବାନପୁର | ଓମ୍ ଶ୍ରୀ ଗଣନାଟ୍ୟ | ଏପ୍ରିଲ ୪ ରୁ ୬ |
| କଣ୍ଟାବାଡ଼ | କଳିଙ୍ଗ ଗଣନାଟ୍ୟ | ଏପ୍ରିଲ ୨୪ ରୁ ୨୬ |
| ଅନ୍ଧାରୁଆ | ସ୍ୱପ୍ନ ମହଲ | ଏପ୍ରିଲ ୨୯ ରୁ ମେ ୧ |
| ପଳାଶପୁର | ମଧୁବାସନ୍ତି ଗଣନାଟ୍ୟ | ଏପ୍ରିଲ ୨୭ ରୁ ୨୯ |
| କାଇମାଟିଆ (ଗଡ଼) | ଯାତ୍ରା ରାଜନନ୍ଦିନୀ | ଏପ୍ରିଲ ୨୬ ରୁ ୨୮ |
| ଜାଗସରା ପାଟଣା | ରାଜଧାନୀ ଅପେରା | ମେ ୮ ରୁ ୧୦ |
| ଛୋଟରାୟପୁର | ଦୁର୍ଗାଶ୍ରୀ ଗଣନାଟ୍ୟ | ମେ ୧୧ ରୁ ୧୩ |

## ତିନି ପ୍ରକାରର ମେଳଣ

ଫାଲଗୁନ ଶୁକ୍ଳ ପକ୍ଷ ଦଶମୀ ବା ଫଗୁ ଦଶମୀଠାରୁ ଆରମ୍ଭ ହେଉଥିବା ଦୋଳ ପର୍ବ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଚାଲିଥାଏ । ରାଜଧାନୀ ଉପକଣ୍ଠରେ ଥିବା ବିଭିନ୍ନ ଗ୍ରାମଗୁଡିକରେ ୩ ପ୍ରକାରର ମେଳଣ ଅନୁଷ୍ଠିତ ହୋଇଥାଏ । କେତେକ ଗ୍ରାମରେ ପଞ୍ଚୁ ଦୋଳ ପାଳନ ହେଉଥିବା ବେଳେ ଆଉ କିଛି ଗ୍ରାମରେ ଦଶ ଦୋଳ ଓ ଭାଗବତ ମେଳଣ ଅନୁଷ୍ଠିତ ହୋଇଥାଏ । ଫଗୁ ଦଶମୀଠାରୁ ୧୦ ଦିନ ବ୍ୟାପୀ ଅର୍ଥାତ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁ ଦୋଳ ପାଳିତ ହୋଇ ଆସୁଛି । ଚୈତ୍ର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଠାରୁ ଦଶଦିନ ଧରି ଅର୍ଥାତ ମଧୁ ଅମାବାସ୍ୟା ପର୍ଯ୍ୟନ୍ତ ଦଶ ଦୋଳ ମେଳଣ ପାଳନ କରାଯାଇଥାଏ । ସେହିଭଳି ବାରୁଣୀ ସ୍ନାନ ପରଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଭାଗବତ ବାସୁଦେବ ମେଳଣ ଅନୁଷ୍ଠିତ ହୋଇଥାଏ । ଗାଁ ଗାଁ ମଧ୍ୟରେ ସ୍ନେହ, ସଦ୍‌ଭାବ ଓ ପାରମ୍ପରିକ ତଥା ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ପାଇଁ ପାଳିତ ହେଉଥିବା ଦୋଳଯାତ୍ରା ଅବସରରେ ଫଗୁ ଦଶମୀ ଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ପ୍ରାୟ ଦୁଇ ମାସ ଧରି ଗାଁ ଗୁଡ଼ିକରେ ଉତ୍ସବର ମାହୋଲ ଲାଗି ରହିଥାଏ ।








# ପୁରସ୍କାର ପାଇଲେ ୨୨ ନେତ୍ରୀ

ଭୁବନେଶ୍ୱର, ୧୮ ।୩(ସମିସ): ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୨ ଜଣ ନେତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାଣ୍ଡ କୁଇନ୍ସ କ୍ଲବ ୧୭ ଜଣ ଏବଂ ଲାୟନ୍ସ କ୍ଲବ ଅଫ୍ ହାଇଦରାବାଦ ଯୁବାର ୫ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିଛି । ଲାୟନ୍ସ କ୍ଲବ୍ ଅଫ ହାଇଦରାବାଦ ଯୁବା, ଡିଷ୍ଟ୍ରିକ୍ଟ ୩୨୦ଏ, ଗ୍ରାଣ୍ଡ କୁଇନ୍ସ ଲିଡରସିପ୍ ଆୱାର୍ଡ ୨୦୨୪ ଭୁବନେଶ୍ୱର ଦ୍ୱିତୀୟ ସଂସ୍କରଣ ସିଜିନ ୫ ପାଳନ କରିଛି । ଏଥିରେ ସମ୍ମାନିତ ଅତିଥିଭାବେ ଅଭିନେତା ତଥା 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ସ୍ୱତନ୍ତ୍ର ଅତିଥିଭାବେ ଲୋପା ମିଶ୍ର ଜାନା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ତଥା ବିଦେଶୀ ମହିଳା ନେତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି । ୪ ଶହ ଗ୍ରାଣ୍ଡସ କୁଇନ୍ସଙ୍କ ମଧ୍ୟରୁ ୧୬ ଜଣଙ୍କୁ ବଛା ଯାଇଥିଲା ଏବଂ ସେଥିରୁ କୁଇନ ଅଫ ଗ୍ରାଣ୍ଡସ୍ ଭାବେ ମୁନ ମୁନ୍ ସିଂଙ୍କୁ ଚୟନ କରାଯାଇଥିଲା । ଅନ୍ୟ ପକ୍ଷରେ ଗ୍ରାଣ୍ଡ କୁଇନ୍ସ କ୍ଲବ ଓ ଲାୟନ୍ସ କ୍ଲବ୍ ପକ୍ଷରୁ ରାମେଶ୍ୱରୀ ନନ୍ଦଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା ।

# ଡାଲ୍‌ମିଆ ସିମେଣ୍ଟକୁ ସିଆଇଆଇ କ୍ୟାପ୍ ୨.୦ ଆୱାର୍ଡ

ଭୁବନେଶ୍ୱର,୧୮ ।୩(ସମିସ): ଭାରତୀୟ ଶିଳ୍ପ ସଂଘ(ସିଆଇଆଇ)ପକ୍ଷରୁ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍)କୁ କ୍ଲାଇମେଣ୍ଟ ଆକ୍‌ସନ୍ ପ୍ରୋଗ୍ରାମ (କ୍ୟାପ୍) ୨.୦ ଆୱାର୍ଡ ମିଳିଛି । ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀନେଶ ଦୟାନନ୍ଦ ଜଗଦଲେ ଏହି ପୁରସ୍କାର ପ୍ରଦାନ କରିଥିଲେ । ସିଆଇଆଇ-ଆଇଟିସି ସେଣ୍ଟର ଫର ଏକ୍ସଲେନ୍ସ ଫର ସଷ୍ଟେନେବଲ ଡେଭଲପମେଣ୍ଟ କ୍ୟାପ୍ ୨.୦ ପଦକ୍ଷେପର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ପାଇଁ କର୍ପୋରେଟ୍ ସଂସ୍ଥା ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ କରିବା । ଏ ସମ୍ପର୍କରେ କମ୍ପାନୀର ପ୍ରବକ୍ତା କହିଛନ୍ତି ଯେ, ସିଆଇଆଇଠାରୁ ମିଳିଥିବା ଏହି କ୍ୟାପ୍ ୨.୦ ଆୱାର୍ଡ ଡାଲମିଆ ଭାରତରେ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମର ଏକ ପ୍ରମାଣପତ୍ର । ଏଠାରେ ସୂଚନାଯୋଗ୍ୟ ଯେ, ଡିସିବିଏଲ୍ ହେଉଛି ଭାରତର ଏକ ଅଗ୍ରଣୀ ସ୍ଲାଗ୍ ସିମେଣ୍ଟ ଉତ୍ପାଦନକାରୀ ।




# ଖରାଟିଆ ଚାଷକରି କାନ୍ଦୁଛନ୍ତି ଉପକଣ୍ଠ ଚାଷୀ

ବାଲିପାଟଣା,୧୮ ।୩(ସମିସ)

ବାଲିପାଟଣା ଦୀର୍ଘ ଦୁଇ ଦଶନ୍ଧି ପରେ କେନାଲ ପାଣିକୁ ଭରସା କରି ଚାଷୀ ଖରାଦିନିଆ ଫସଲ ଚାଷ ପାଇଁ ଧାନ ରୋଇଥିଲେ । ଆଉ କିଛି ଚାଷୀ ମୁଗ ଚାଷ ମଧ୍ୟ କରିଛନ୍ତି । ଫେବୃଆରୀ ଶେଷ ବେଳକୁ କେନାଲରେ ପାଣି ଆସିଲା । ଚାଷୀ ଉତ୍ସାହିତ ହୋଇ ଧାନ ପୋତିଲେ । ବିଲ ଚାଷ , ମଜୁରୀ, ତଳି କିଣା, ପିଡ଼ିଆ ଏବଂ ଔଷଧ ବାବଦରେ ହଜାର ହଜାର ଟଙ୍କା ଖର୍ଚ୍ଚ କେଲ । ହେଲେ ଏବେ ଆଉ କେନାଲରେ ପଣି ଆସୁନି । ପାଣି ବିନା ଜମିଫାଟି ଆଁ କରିଛି । କିଆରୀକୁ ପାଣି ମଡ଼ାଇବା ପାଇଁ କୌଣସି ସୁବିଧା ନ ଥିବାରୁ ଚାଷୀ ନିରାଶ ହୋଇଛି । ଅନ୍ୟପକ୍ଷରେ ରୁଆଧାନରେ କାଣ୍ଡବିନ୍ଧା ପୋକ ଲାଗି ଗଛ ଝୁଣି ଦେଉଛନ୍ତି । ପ୍ରତି ୧୫ ଦିନରେ କୀଟନାଶକ ପକାଇ ଚାଷୀ ଅଯଥା ଖର୍ଚ୍ଚାନ୍ତ ହୋଇପଡ଼ିଲେଣି ।

କିଛିବର୍ଷ ହେଲା ଚାଷୀ ଖରିଫ ଫସଲ ପରେ ଜମିରେ ଡାଲି ଜାତୀୟ ଫସଲ ଚାଷ କରୁଥିଲେ । କମ ଖର୍ଚ୍ଚରେ ଅଧିକ ଲାଭବାନ ହେଉଥିଲେ । ଚଳିତ ବର୍ଷ କୃଷି ବିଭାଗ ଓ ଜଳସେଚନ ବିଭାଗ ତରଫରୁ ଜାନୁଆରୀରୁ ଏପ୍ରିଲ ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ ୬ ଥର କେନାଲ ପାଣି ଛାଡ଼ିବା ପାଇଁ ବୈଠକରେ ଘୋଷଣା ହେଲା । ଚାଷୀ ଧାନଚାଷ ପାଇଁ ପ୍ରସ୍ତୁତ ହେଲେ । କିଛି ଚାଷୀ ମୁଗ, ବିରି ବୁଣିଦେଲେ । ବିଭିନ୍ନ କେନାଲ ଅଧୀନରେ ଥିବା ମାଇନର୍ ଜଳସେଚନରେ ଅବ୍ୟବସ୍ଥା କାରଣରୁ ଅନେକ ଗହୀର ପାଣିରୁ ବଞ୍ଚିତ ହେଲା । କିଛି ଚାଷୀ ଧାନ ଚାଷ କଲେ । ବିଲ ହଳ , ତଳି ରୁଆ , ସାର ଓ କୀଟନାଶକରେ ଏକର ପିଛା ଦଶ ହଜାର ଖର୍ଚ୍ଚ କରିଛନ୍ତି । ନିମାପଡା ଶାଖା କେନାଲ ଅଧୀନ ଗିରିଙ୍ଗ ମାଇନର ପାଣି ଉପରେ ଭରସା କରି ସରାଟ, ତରବୋଇ, ବାଗଲ ପୁର, ଗୋବିନ୍ଦପୁର, କୁଳାନ୍ତିରା ବାଗିଲ୍, ଗ୍ରାମ, ଶାସନ ଗ୍ରାମର ପ୍ରାୟ ଦୁଇ ହଜାର ଚାଷୀ ଦୁଇ ଶହ ଏକର ଧାନ ଚାଷ କରିଛନ୍ତି । ଗଛ ଚେର ବାନ୍ଧିବା ସହ ବୁଦା ବାନ୍ଧି ଯାଇଛି । ମାତ୍ର ସପ୍ତାହେ ହେବ ବିଲ ଫାଟି ଆଁ କରିଛି । ଆଖପାଖ ରେ ପାଣି ମଡ଼ାଇବା ସୁବିଧା ନାହିଁ । ଉପାୟଶୂନ୍ୟ ହୋଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସେହିପରି ସରାଟ ଶାସନ ମାଇନର୍ ବ୍ୟବସ୍ଥା ପାଣିକୁ ଆଶା କରି ଗଡ଼ବନ୍ତପୁର ରବୀନ୍ଦ୍ର କୁମାର ଜେନା ଏବଂ ଅନ୍ୟ କିଛି ଚାଷୀଙ୍କ ଜମି ପାଣି ବିନା ଫାଟି ଆଁ କରିଥିବା ଅଭିଯୋଗ ଆସିଛି । ଅନ୍ୟପକ୍ଷରେ କୁଳନ୍ତିରା ବାଗିଲ ଗ୍ରାମର ଅକ୍ଷୟ ଭୋଳ,ଶଙ୍କର ଭୋଳ , ଲକ୍ଷ୍ମଣ ଭୋଳ,କାର୍ତ୍ତିକ ଭୋଳ,ଅଭୟ ଭୋଳ, ବେନୁଆ ନାୟକ, ସରଜ୍ ଭୋଇ, ବିନି ଭୋଇଙ୍କ କହିବା କଥା ରୁଆ ହେବା ଦେଢ଼ ମାସ ହେଲାଣି, ଗଛ ସବୁ କାଣ୍ଡ ବିନ୍ଧା ପୋକ ଶୋଷି ଯାଉଛନ୍ତି । ତେଣୁ ପ୍ରତି ୧୫ ଦିନରେ ଏକର ପିଛା ୮ ଶହରୁ ଅଧିକ ଟଙ୍କା ଖର୍ଚ୍ଚ କରି କୀଟନାଶକ ପକାଇବାକୁ ପଡୁଛି । ବ୍ଲକ ପ୍ରଶାସନ ପକ୍ଷରୁ ରିହାତି ଦରରେ କୀଟନାଶକ ଯୋଗାଇବାକୁ ନିର୍ଦ୍ଦେଶ ଥିଲେ ବି କିଛି ମିଳୁନି । କେନାଲ ପାଣି ଏପ୍ରିଲ ମାସରେ ବନ୍ଦ ହୋଇଗଲେ ଶହ ଶହ ହେକ୍ଟର ଧାନ ଗଛ ଜଳିଯିବ ବୋଲି ଚାଷୀ ଆକଳନ କଲେଣି । ତେଣୁ ସରକାରୀ ସ୍ତରରେ ଆଲୋଚନା କରି ମେ ମାସ ଶେଷ ପର୍ଯ୍ୟନ୍ତ କେନାଲ ପାଣି ଛାଡ଼ିବାକୁ ଚାଷୀ ଦାବି କରିଛନ୍ତି ।



**ଜାନୁଆରୀ-ଏପ୍ରିଲ ମଧ୍ୟରେ ୬ ଥର ପାଣି ଛାଡ଼ିବାକୁ ହୋଇଥିଲା ଘୋଷଣା**

**ଫେବୃଆରୀ ଶେଷରେ ଆସିଥିଲା ଏବେ କେନାଲରେ ପାଣି ବନ୍ଦ**

**ରୁଆ ଦେଢ଼ ମାସରେ ଫସଲ ଖାଇଗଲେଣି କାଣ୍ଡବିନ୍ଧା**

**ବ୍ଲକ ପକ୍ଷରୁ ଚାଷୀଙ୍କୁ ମିଳୁନି ମାଗଣା କୀଟନାଶକ**

# ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର, ୧୮ ।୩(ସମିସ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ମହୋତ୍ସବ ଉପଲକ୍ଷେ ବାର୍ଷିକ ସତସଙ୍ଗ ଅଧିବେଶନ ପୋଖରୀପୁଟ କାରଗିଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ହୋଇଥିବା ଏହି ଅଧିବେଶନରେ ଉଷାକୀର୍ତ୍ତନ, ଉଷାବିନତୀ ପ୍ରାର୍ଥନା, ସାମୂହିକ ଧ୍ୟାନ ଓ ବାଣୀପାଠ, ଗୀତାପାଠ, ନିଃଶୁଳ୍କ ଡାକ୍ତରୀ ଡାକ୍ତରୀ ପରାମର୍ଶ ଅନୁଷ୍ଠିତ ହୋଇଯାଇଛି । ସେହପରି ଅପରାହ୍ନ ୩ଟାରେ ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତୀ ପ୍ରାର୍ଥନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସାଧାରଣ ସଭା କରାଯାଇଥିଲା । ଏଥିରେ ଭୁବନେଶ୍ୱରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗୁରୁ ଭାଇ ଓ ମା' ମାନେ ଯୋଗ ଦେଇଥିଲେ ।

# 'ଓମେନ୍ସ' ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର, ୧୮ ।୩(ସମିସ): ମହିଳା ସଂଗଠନ "ଓମେନ୍ସ" ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଏକ ବିଶାଳ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସରୋଜିନୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ବିଭୁତେନ୍ଦୁ ମିଶ୍ର, ବରିଷ୍ଠ ସାମ୍ବାଦିକ ପରମେଶ୍ୱର ଦାସ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ପୂର୍ବତନ ବିଧାୟକ ରାଘବ ସେଠୀ ଓ ଅନ୍ୟାନ୍ୟ ମହିୟସୀ ମହିଳାମାନେ ଯୋଗଦେଇଥିଲେ । ସୁଧାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଇଂ କୃଷ୍ଣପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ଜୟଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହିଳାମାନଙ୍କ ଅଧିକାର, ୩୩% ମହିଳା ବିଧେୟକ, ନାରୀନିର୍ଯ୍ୟାତନାକୁ ହ୍ରାସ କରିବା ଦିଗରେ ଅତିଥିମାନେ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ ।



## ରାଜଧାନୀ ପଥପ୍ରାନ୍ତେ...
# ରାସ୍ତାକଡ଼ରେ ବେଣାଚେର ପସରା



ଭୁବନେଶ୍ୱର, ୧୮।୩(ସମିସ): ଦିନକୁ ଦିନ ତାପମାତ୍ରା ବଢ଼ିବାର ଲାଗିଛି । ଏ ନେଇ ଖରାଦିନରେ ବ୍ୟବହୃତ ଉପକରଣଠାରୁ ଆରମ୍ଭକରି ଥଣ୍ଡା ପାନୀୟର ଆସର ରାସ୍ତାକଡ଼ରେ ମେଲିବାର ଦେଖିବାକୁ ମିଳୁଛି । ସେହିପରି ରାଜଧାନୀର ରାସ୍ତାକଡ଼ରେ ଏବେ ବେଣାଚେର ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଖରାଦିନେ ଘର ଥଣ୍ଡା ରଖିବା ପାଇଁ ଝରକା, ଓ ଦ୍ୱାରରେ ବେଣାଚେର ପରଦା ଟଙ୍ଗା ଯାଇଥାଏ । ବ୍ୟବସାୟୀଙ୍କ କହିବାନୁଯାୟୀ ଗୋଟାଏ ବେଣାଚେର ତିଆରି କରିବାକୁ ୩ ରୁ ୪ ଘଣ୍ଟା ସମୟ ଲାଗୁଛି । ଏହି ବେଣାଚେରର ପ୍ରତି ବର୍ଗଫୁଟ୍‌କୁ ୬୦ଟଙ୍କା ହିସାବରେ ବିକ୍ରି କରାଯାଇଥାଏ । ରାଜଧାନୀ ରାସ୍ତାକଡ଼ର ବେଣାଚେର ତିଆରି କରି ବିକ୍ରି କରୁଥିବା ଚାପା ରାଓ କୁହନ୍ତି ସେ ପିଲାଦିନରୁ ଏହି କାମ ବାପାଙ୍କଠାରୁ ଶିକ୍ଷାଲାଭ କରିଛନ୍ତି । ସେବେଠୁ ସେ ଏହାକୁ ବୁଣି ଚାଲିଛନ୍ତି । ଏହାକୁ ନେଇ ତାଙ୍କ ଅନୁଭୂତିରୁ କୁହନ୍ତି ଆଗରୁ ବେଣାଚେରର ଚାହିଦା ଅଧିକ ରହୁଥିଲା । ଲୋକ ଏସି, କୁଲର ବଦଳରେ ଘର ଦୁଆରେ ଏହାକୁ ଲଗାଇଥାନ୍ତି । ଘରକୁ ଥଣ୍ଡା ଦେବା ସହ ଗରମ ପବନ ମଧ୍ୟ ଭିତରକୁ ଯାଏନାହିଁ । ହେଲେ ଏବେ ଘରେ ଘରେ ଏସି ଓ କୁଲର ଲାଗିବାରୁ ଏହାକୁ ନେବା ପାଇଁ ଗ୍ରାହକଙ୍କ ସଂଖ୍ୟା କମିଗଲାଣି । ତଥାପି ବୁଣିବା ସେ ବନ୍ଦ କରିନାହାନ୍ତି । ଏବେ ଖରା ବଢ଼ିବାରୁ ଧୀରେ ଧୀରେ ଲୋକ ଏହାକୁ କିଣିବା ଆରମ୍ଭ କଲେଣି । ଗୋଟେ ଦିନରେ ସେ ୩ ରୁ ୪ଟି ବେଣାଚେର ତିଆରି କରୁଛନ୍ତି । ତାଙ୍କ ଘର ବ୍ରହ୍ମପୁର ହେଲେ ବି ସେ ଦୀର୍ଘଦିନ ହେଲା ରାଜଧାନୀରେ ରହି ବୁଣିବା ସହ ଏହାକୁ ବିକ୍ରି କରୁଛନ୍ତି । ଗ୍ରାହକ କମିଲେ ମଧ୍ୟ ସେ ବୁଣିବା ଛାଡ଼ିନାହାନ୍ତି ବୋଲି କୁହନ୍ତି ।

# ‘ସିଲଭର୍ ଗାନ୍ଧୀ ଇଣ୍ଡିଆ’ ଲୋକାର୍ପିତ



ଭୁବନେଶ୍ୱର, ୧୮।୩(ସମିସ): ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ଦେଇ ସାରା ଭାରତବର୍ଷ ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗର ଛାତ୍ର ମୋହନ ମହାପାତ୍ର ଓରଫ୍ ସିଲ୍‌ଭର ଗାନ୍ଧୀ ଉପରେ ଏକ ପୁସ୍ତକ ‘ସିଲଭର୍ ଗାନ୍ଧୀ ଇଣ୍ଡିଆ’ ଲୋକାର୍ପିତ ହୋଇଯାଇଛି । ଜୟଦେବଭବନରେ ଓଡ଼ିଶା ସମାଜସେବୀ ମହାସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀଙ୍କ ରଚିତ ଏହି ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଏଥିରେ ଅନ୍ୟଅତିଥିଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ମୀରା ପରିଡ଼ା, ମହାସଙ୍ଘ ରାଜ୍ୟ ମହିଳା ସଭାପତି ଡ. ବନ୍ଦନା ହରିଚନ୍ଦନ, କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, ମନସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମହାସଙ୍ଘର ରାଜ୍ୟ ସଭାପତି ବାପୁ ଓଝା ପରିଚାଳନା କରିଥିବା ବେଳେ ତନ୍ମୟ ସାମନ୍ତରାୟ, ମାନସ ରଞ୍ଜନ ସାହୁ, ନିରଞ୍ଜନ ସାହୁ, ଦେବପ୍ରସାଦ ମେକାପ, ଚିତ୍ତରଞ୍ଜନ ଦାସ, ପ୍ରମୋଦ ପତି ଉପସ୍ଥିତ ଥିଲେ ।

# ପଖାଳ ଦିବସରେ ଆମିଷ ମାଡ଼

ଭୁବନେଶ୍ୱର, ୧୮।୩(ସମିସ)

ଓଡ଼ିଆ ଘରର ଏହି ପଖାଳର ମହତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ୨୦ ତାରିଖକୁ ସାର୍ବଜନୀନ ପଖାଳ ଦିବସ ଭାବେ ପାଳନ କରାଯାଉଛି । ତେବେ ଚଳିତବର୍ଷ ଏହା ବୁଧବାର ପଡୁଥିବାରୁ ଏଥର ଆମିଷ ଆଇଟମ୍ ସହ ପଖାଳ ଉତ୍ସବ ଜମିବ ବୋଲି ଆଶା କରାଯାଉଛି । ଏଥିପାଇଁ ରାଜଧାନୀର ବିଭିନ୍ନ ଛୋଟବଡ଼ ହୋଟେଲରେ ହୋଇଛି ସ୍ୱତନ୍ତ୍ର ପ୍ରସ୍ତୁତି । ଗତ କିଛିବର୍ଷ ହେଲା ସହରରେ

## ସାମାଜିକ ଗଣମାଧ୍ୟମରେ ପଖାଳ ଦିବସ

ପଖାଳକୁ ନେଇ ଲୋକଙ୍କ ଭିତରେ ଆଗ୍ରହ ପରିଲକ୍ଷିତ ହୋଇଛି । ଏହାକୁ ନେଇ ରାଜଧାନୀର ବିଭିନ୍ନ ହୋଟେଲ ଠାରୁ ଆରମ୍ଭ କରି ସଂଗଠନଗୁଡ଼ିକ ମଧ୍ୟ ପଖାଳ ଦିବସକୁ ପାଳନ କରିବାକୁ ଯାଉଛନ୍ତି । କେତେକ ସ୍ଥାନରେ ୨ଦିନ ପୂର୍ବରୁ ମଧ୍ୟ ପଖାଳ ଦିବସ ପାଳନ ହୋଇଥିବା ଦେଖିବାକୁ ମିଳିଛି । ତେବେ ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଛି ପଖାଳ ଦିବସ ପାଳନ । ବିଭିନ୍ନ କର୍ପୋରେଟ ସଂସ୍ଥା ଠାରୁ ଆରମ୍ଭ କରି ଯୁବପିଢ଼ି ପଖାଳ ଦିବସ ପାଳନ କରି ସୋସିଆଲ ମିଡିଆରେ ଫଟୋ ଅପଲୋଡ୍ କରିବା ଆରମ୍ଭ କଲେଣି ।

ତାପମାତ୍ରା ବଢ଼ିବା ସହ ପଖାଳର ଚାହିଦା ମଧ୍ୟ ବଢୁଛି । ଚଳିତବର୍ଷ ଗ୍ରାହକଙ୍କ ପାଇଁ ବିଭିନ୍ନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟ ପରିସରରେ ଥିବା କାକା ହୋଟେଲର ନାରାୟଣ ଜେନା କହିଛନ୍ତି । ପ୍ରତିଦିନ ୩ଶହରୁ ଅଧିକ ଲୋକ କେବଳ ପଖାଳ ଖାଇବାକୁ ଆସିଥାନ୍ତି ବୋଲି ସେ କହିଛନ୍ତି । ହେଲେ ମାର୍ଚ୍ଚ ୨୦ ଅର୍ଥାତ୍ ପଖାଳ ଦିବସରେ ଅଧିକ ଭିଡ଼ ହୋଇଥାଏ । ସେଦିନ ପ୍ରାୟ ଶତ ପ୍ରତିଶତ ଗ୍ରାହକ ପଖାଳ ଖାଇଥାନ୍ତି ।

### ମହକିବ ମାଛ, ଶୁଖୁଆ ଓ ଚିଙ୍ଗୁଡ଼ି

ଚଳିତ ଥର ପଖାଳ ଦିବସ ବୁଧବାର ପଡୁଥିବାରୁ ପଖାଳ ସାଙ୍ଗକୁ ଆମିଷ ଆଇଟମ୍ ଉପରେ ଗୁରୁତ୍ୱ ଦିଆଯାଉଛି । ବିଶେଷ କରି ବିଭିନ୍ନ ପ୍ରକାର ଶୁଖୁଆ, ଚୁନା ମାଛ, ଚିଙ୍ଗୁଡ଼ି ଛେଚା, ରୋହି, ଭାକୁର ତାୱା ଫ୍ରାଏ ସହ ଆମିଷ ପତ୍ରପୋଡ଼ା ମଧ୍ୟ ରହିଛି । ଏଥିପାଇଁ ହୋଟେଲଗୁଡ଼ିକ ପକ୍ଷରୁ ପୂର୍ବରୁ ବରାଦ ମଧ୍ୟ ହୋଇ ସାରିଛି ।



ଏଥର ସାଧା ପଖାଳ, ଦହି ପଖାଳ, ଛୁଙ୍କ ପଖାଳ ସାଙ୍ଗକୁ ବାଇଗଣ ପୋଡ଼ା, ଟମାଟୋ ପୋଡ଼ା, ଆଳୁ ଭର୍ତ୍ତା, ବଡ଼ିଚୁରା, ମଞ୍ଜା ବରା, ପଣସ ବରା, ନଡ଼ିଆ ବରା, କଖାରୁ ଫୁଲ ପିଠା, ଆଳୁ ପୋସ୍ତ ବରା, ପୋଇପତ୍ର ବରା, ଶାଗଭଜା ଆଦି ରହିଥିବା ବେଳେ ଆମିଷରେ ଚୁନା ମାଛ, ଚିଙ୍ଗୁଡ଼ି ଛେଚା, ତାୱା ମାଛ, ମାଛ ଫ୍ରାଏ, ରୋହି ମାଛ ଭଜା, ଚିକେନ୍ କସା, ମଟନ୍ କସା, ଓ ଶୁଖୁଆ ଆଦି ରହିଛି । ପଖାଳ କଂସାର ଦାମ୍ ୧୨୦ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ପଖାଳ କଂସାର ଦାମ୍ ୨୫୦ ଟଙ୍କା ରହିଥିବା ଶ୍ରୀ ଜେନା କହିଛନ୍ତି । ସେହିପରି କେଶରୀ ଟକିଜ୍ ପଛପଟେ ବା ସାମ୍ବାଦିକ ଭବନ ନିକଟରେ ରହିଥିବା ହୋଟେଲ ପେଟପୂଜାରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ କରାଯାଇଛି ।

ବାପୁଜୀନଗରସ୍ଥିତ ମା’ ସନ୍ତୋଷୀ ହୋଟେଲ, ଚନ୍ଦ୍ରଶେଖରପୁରସ୍ଥିତ ସୋନୁ ପଖାଳ, ମାଷ୍ଟରକ୍ୟାଣ୍ଟିନସ୍ଥିତ ପଖାଳ ହୋଟେଲରେ ମଧ୍ୟ ପଖାଳ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ମେନୁ ରହିଛି । ସହରର ମଧ୍ୟମ ଧରଣର ହୋଟେଲ୍‌ରେ ପଖାଳ କଂସାର ମୂଲ୍ୟ ୬୦ଟଙ୍କାରୁ ଆରମ୍ଭ ହୋଇ ଷ୍ଟାର୍ ହୋଟେଲଗୁଡ଼ିକରେ ୫୦୦ରୁ ୧ହଜାର ଟଙ୍କା ରହିଛି ।

# ମହିଳା ଦିବସ ଉପଲକ୍ଷେ ମହିଳା ସ୍ଥପତି ସମ୍ମାନୀତ



ଭୁବନେଶ୍ୱର, ୧୮।୩(ସମିସ): ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍, ଓଡ଼ିଶା ଚାପ୍ଟର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆନ୍ତର୍ଜାତିକ ମହିଳା ଦିବସ ୨୦୨୪ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମ ଓଡ଼ିଶାର ଉଲ୍ଲେଖନୀୟ ମହିଳା ସ୍ଥାପତ୍ୟ ଓ ଡିଜାଇନ୍ କ୍ଷେତ୍ରରେ ସେମାନଙ୍କ ଗଭୀର ଅବଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । କାର୍ଯ୍ୟକ୍ରମରେ ଆଇଏଏସ୍ ଯାମିନୀ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଓଡ଼ିଶାର ଅଗ୍ରଣୀ ମହିଳା ଆର୍କିଟେକ୍ଟ (ସ୍ଥପତି)ଙ୍କ ଦ୍ୱାରା ବୈଷୟିକ ଉପସ୍ଥାପନା ସହ ସେମାନଙ୍କ ଅଭିନବ ପଦ୍ଧତି ଓ ପ୍ରମୁଖ ପ୍ରକଳ୍ପ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଆକର୍ଷଣ ଥିଲା ‘ନାରୀ- ଯୁଗ ଯୁଗ ଧରି ମହିଳାଙ୍କ ଯାତ୍ରା’ ଶୀର୍ଷକ ଏକ ଫେଶନ୍ ଶୋ । ପ୍ରାଚୀନ କାଳରୁ ଆରମ୍ଭ କରି ସ୍ୱାଧୀନତା ପରବର୍ତ୍ତୀ ଭାରତ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ମହିଳା ସ୍ଥପତି ବିଭିନ୍ନ ଯୁଗର ପ୍ରତିନିଧିତ୍ୱ କରୁଥିବା ପୋଷାକ ପରିଧାନ କରିଥିଲେ । ଏହି ବୃତ୍ତିର ଉଲ୍ଲେଖନୀୟ ନେତୃତ୍ୱ ଓ ଅବଦାନ ପାଇଁ ସ୍ଥପତି ପ୍ରଫେସର୍ ଡ. ଭାରତୀ ମହାପାତ୍ର, ସ୍ଥପତି ନମିତା ମହାପାତ୍ର, ସ୍ଥପତି ଏ ଶୁଭଲକ୍ଷ୍ମୀ ପାଟଯୋଶୀଙ୍କ ସମେତ ବିଶିଷ୍ଟ ସ୍ଥପତିମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ଉତ୍କଳ ଦିବସରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୩(ସମିସ): ସମ୍ଭାବନା ପକ୍ଷରୁ ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଆଗାମୀ ଉତ୍କଳ ଦିବସରୁ ଏପ୍ରିଲ ୧୪ ତାରିଖ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ନିମନ୍ତ୍ରଣ ପତ୍ରର ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅନୁଷ୍ଠିତ ହେବାକୁ ଯାଉଛି । ଝୋଟି, ପିଠା, ପାରମ୍ପରିକ ସଙ୍ଗୀତ, ପୁରାଣ ଆବୃତ୍ତି ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ ବର୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଣୀମାନେ ନିଜର ନାମ ପଞ୍ଜୀକରଣ କରିପାରିବେ । ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ବିଶିଷ୍ଟ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଠୀ, ସଙ୍ଗୀତ ଶିଳ୍ପୀ ନିମାକାନ୍ତ ରାଉତରାୟ, ପରିଚାଳନା ଟ୍ରଷ୍ଟି ଓ ସମ୍ପାଦକ ଦେବ ପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ଯୁଗ୍ମ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, କାର୍ଯ୍ୟକ୍ରମ ସମ୍ପାଦିକା ରଶ୍ମିତା ରଥ, ରାଜଶ୍ରୀ ଶତପଥି ଉପସ୍ଥିତ ଥିଲେ ।

# ଜାମୁକୋଳି ଗୋଶାଳା ପକ୍ଷରୁ ଜଳସେବା ଶିବିର

ଭୁବନେଶ୍ୱର, ୧୮।୩(ସମିସ): ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଜାମୁକୋଳି କ୍ରିଷ୍ଣା ଗୋଶାଳା ତରଫରୁ ଖଣ୍ଡଗିରି କୋଳଥିଆ ଛକରେ ସୋମବାର ସକାଳ ୧୦ ଘଟିକା ସମୟରେ ଏକ ଜଳସେବା ଶିବିର ଆରମ୍ଭ କରାଯାଇଛି । ମଣିଷମାନଙ୍କ ପାଇଁ ଜଳସେବା ଶିବିର ଆରମ୍ଭ ହେବା ସହିତ ବୁଲା ଗୋରୁ, ଗାଇ ଏବଂ କୁକୁରମାନଙ୍କ ପାଇଁ ମଧ୍ୟ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଛି । ଶୁଦ୍ଧ ପାନୀୟ ଜଳ ସହିତ ଦହି, ଜଳଜିରା, ପୋଦିନାପତ୍ର, ଲେମ୍ବୁ, ଅଦା, ଆମ୍ବ ଅଦା, କଳା ଲୁଣ, ଚିନି ପ୍ରଭୃତି ମିଶ୍ରଣ ସହିତ ମାଟି ମାଠିଆରେ ରଖାଯାଇ ବାଟୋଇଙ୍କୁ ବଣ୍ଟନ କରାଯାଇଥିଲା । ଅପରାହ୍ଣ ୩ଟା ମଧ୍ୟରେ ପ୍ରାୟ ୧ ହଜାରରୁ ଅଧିକ ବାଟୋଇଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା । ଆଗକୁ ଗ୍ରୀଷ୍ମଦିନେ ଏହି କାର୍ଯ୍ୟକ୍ରମ ବଳବତ୍ତର ରହିବ ବୋଲି ଗୋଶାଳାର ପରିଚାଳକ ଅମୂଲ୍ୟ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଜାମୁକୋଳି କ୍ରିଷ୍ଣା ଗୋଶାଳାର ମୁଖ୍ୟ ଅମୂଲ୍ୟ ନାୟକ ଆୟୋଜନ କରିଥିଲେ । ବିଏମ୍‌ସି ଟେଣ୍ଟ ଯୋଗାଇ ଦେଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୨ ଜଣ ଅବସରପ୍ରାପ୍ତ ପଶୁ ଡାକ୍ତର, ଗୋଶାଳାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ସୁଚାରୁରୂପେ ସମ୍ପାଦନ କରିଥିଲେ । ସ୍ଥାନୀୟ କର୍ପୋରେଟର ଅଶ୍ୱିନୀ ସୁନ୍ଦରରାୟ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

# ଦକ୍ଷତା ପ୍ରତିଯୋଗିତାରେ ସୋଆ ଛାତ୍ରଛାତ୍ରୀଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର, ୧୮।୩(ସମିସ): ରାଜ୍ୟର ସବୁଠାରୁ ବଡ଼ ଦକ୍ଷତା ପ୍ରତିଯୋଗିତା ‘ଓଡ଼ିଶା ସ୍କିଲ୍ସ ୨୦୨୩-୨୪’ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି । ହୋଟେଲ ମ୍ୟାନେଜମେଣ୍ଟର ୫ଟି ସ୍କିଲ୍ ଯେପରିକି ହୋଟେଲ୍ ରିସେପ୍ସନ୍, ରେସ୍ତୋରାଁ ସର୍ଭିସ୍, କୁକିଙ୍ଗ୍, ବେକରି, ପାଟିସେରୀ ଓ କନ୍‌ଫେକ୍ସନାରୀକୁ ନେଇ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏସ୍‌ଏଚ୍‌ଏମ୍‌ର ବ୍ୟାଚଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି (ବିଏଚ୍‌ଏମ୍‌ସିଟି) ବିଭାଗର ପ୍ରଥମ ବର୍ଷ ଛାତ୍ର ସଙ୍କେତ୍ କୁମାର ମାଝି କୁକିଙ୍ଗ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ବିଏଚ୍‌ଏମ୍‌ସିଟି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ରିଜ୍‌ୱାନୁଲ୍ ଖାନ୍ ରେଷ୍ଟୁରାଣ୍ଟ ସର୍ଭିସ୍ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି । ବିଜେତାମାନଙ୍କୁ ‘୫-ଟି’ ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାର୍ତ୍ତିକ ପାଣ୍ଡିଆନ୍ ପୁରସ୍କୃତ କରିଥିଲେ । ପଦକ ହାସଲ କରିଥିବା ଦୁଇ ଛାତ୍ର ଶନିବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଉପସ୍ଥିତ ଥିଲେ ।

## ମାର୍କେଟ୍ ବିଲ୍‌ଡିଂର ଅବ୍ୟବସ୍ଥା
# କିଓସ୍କ ଅଚଳ, ଶୁଖିଲା ପଡ଼ିଛି ପାଣିକଳ

ଭୁବନେଶ୍ୱର, ୧୮।୩(ସମିସ)

ରାଜଧାନୀରେ ଥିବା ମାର୍କେଟ ବିଲ୍ଡିଂରେ ପ୍ରତିଦିନ ସେଠାରେ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ । ହେଲେ ମାର୍କେଟ ବିଲ୍ଡିଂ ପରିସରରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ପ୍ରତିଷ୍ଠିତ ବିଭିନ୍ନ ମେସିନ୍ ସହ ଜଳଫୁଆରା ଏବେ ଅଚଳ ହୋଇପଡ଼ିଛି । ମାର୍କେଟ୍ ବିଲଡିଂ ପରିସରରେ ଥିବା ପ୍ଲାଷ୍ଟିକ୍ ଡିସ୍‌ପୋଜାଲ ମେସିନ୍,



## କାମରେ ଲାଗୁନି ପ୍ଲାଷ୍ଟିକ ଡିସ୍‌ପୋଜାଲ ମେସିନ୍

କିଓସ୍କ, ସ୍ଥାୟୀ ଥଣ୍ଡା ପାନୀୟ ବ୍ୟବସ୍ଥା ଏବଂ ୱାଟର୍ ଫାଉଣ୍ଟେନ ଅଚଳ ହୋଇ ପଡ଼ିରହିଛି । କିଛି ବର୍ଷପୂର୍ବେ ବିଏମ୍‌ସି ପକ୍ଷରୁ ପ୍ଲାଷ୍ଟିକ୍ ଡିସ୍‌ପୋଜାଲ ମେସିନ ଲଗାଯାଇଥିଲା । ଯେଉଁଥିରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ପକାଇଲେ ପ୍ରତିବଦଳରେ ଲୋକଙ୍କୁ ପଇସା ମିଳୁଥିଲା । ଲୋକଙ୍କୁ ସଚେତନ ଓ ପରିବେଶକୁ ସ୍ୱଚ୍ଛ ରଖିବାର ଏହି ନିଆରା ପ୍ରୟାସ ଦେଢ଼ ବର୍ଷ ହେବ ଅଚଳ ହୋଇଯାଇଛି । ଖାଲି ସେତିକି ନୁହେଁ ସେହି ଭିତରେ ଥିବା କିଓସ୍କ ଓ ସ୍ଥାୟୀ ଜଳଛତ୍ରର ମଧ୍ୟ ସେହି ସମାନ ଅବସ୍ଥା । କିଓସ୍କ ଯାହା କି ଲୋକଙ୍କୁ ଡିଜାଟାଲ୍ ସେବା ଯୋଗାଇ ଦେଉଥିଲା ତାହା ଏବେ ବନ୍ଦ ପଡ଼ିଥିବା ଥିବାବେଳେ ପାଣିର ସମସ୍ୟା ମଧ୍ୟ ସମାନ । ଖରାଦିନରେ ପାଣି ପ୍ରଥମ ଆବଶ୍ୟକତା ଥିବା ବେଳେ ଏଠାରେ ଥିବା ସ୍ଥାୟୀ ଥଣ୍ଡା ପାନୀୟ ବ୍ୟବସ୍ଥା ବର୍ଷାଧିକ କାଳ ଭାଙ୍ଗିରୁଜି ଅଚଳ ଅବସ୍ଥାରେ ପଡ଼ିରହିଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି । ସନ୍ଧ୍ୟାର ଆକର୍ଷଣ ସାଜୁଥିବା ୱାଟର ଫାଉଣ୍ଟେନ ବି କେତେବେଳେ କାମକରୁଛି ତ କେତେବେଳେ ବନ୍ଦ ରହୁଛି । ରାତି ସମୟରେ ଲୋକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଲଗାଯାଉଥିବା ଏହି ଫାଉଣ୍ଟେନ ମଧ୍ୟ ଏପରି ଅବସ୍ଥାରେ ପଡ଼ିପଡ଼ି ରହିଛି ।

ଏହି ସବୁ ଉପକରଣ ଅଧିକ ଖରାପ ହୋଇ ଭାଙ୍ଗିରୁଜି ଗଲାଣି । ଲୋକଙ୍କ ଉଦ୍ଦେଶ୍ୟରେ ହୋଇଥିବା ଏହିସବୁ ସହାୟତା ଉପକରଣ ଏବେ ନିଜେ ସହାୟତା ଲୋଡ଼ିବା ପରିସ୍ଥିତିରେ ପଡ଼ିଛି । ଏ ନେଇ ମାର୍କେଟ ବିଲ୍ଡିଂର ବ୍ୟବସାୟ କମିଟିର ସମ୍ପାଦକ କୁହନ୍ତି ଏ ସମସ୍ତ ସମସ୍ୟା ବିଷୟରେ ଆମେ ବିଏମ୍‌ସିକୁ ଅନେକଥର ଜଣାଇ ଆସିଛୁ । ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ନିକଟରେ ମଧ୍ୟ ଏସବୁ ସମସ୍ୟା ସମ୍ପର୍କରେ ଆମେ ପୁନଶ୍ଚ ଅବଗତ କରାଇଥିଲୁ । ପ୍ରତିଶ୍ରୁତି ମିଳିଛି, ଆଶା କରୁଛୁ ଖୁବଶିଘ୍ର ସମାଧାନ ହେବ ବୋଲି ସେ ପ୍ରକାଶ କରିଛନ୍ତି ।







# ବିଜୁ ପଟ୍ଟନାୟକ ସ୍ମାରକୀ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ




ଭୁବନେଶ୍ୱର, ୧୮।୩(ସମିସ): ବିଜୁ ପଟ୍ଟନାୟକ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରଶାନ୍ତି ବିହାରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଇଂ. ଗଣେଶ ଚନ୍ଦ୍ର ପଣ୍ଡା, ସାରସ୍ୱତ ସାଧକ ତଥା ପ୍ରକାଶକ ରମାକାନ୍ତ ମିଶ୍ର, ଗରୀଶ ଚନ୍ଦ୍ର ଦାସ, କର୍ପୋରେଟର ମିହିର ରାଉତ ଉପସ୍ଥିତି ଥିଲେ । ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଭାରତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସରକାରୀ ବିଜ୍ଞାପନରେ ଦଳୀୟ ସଙ୍କେତ ବ୍ୟବହାର ପ୍ରସଂଗ

## ଆବେଦନକୁ ଖାରଜ କଲେ ହାଇକୋର୍ଟ

କଟକ,୧୮ ।୩(ସମିସ): ଓଡ଼ିଶା ସରକାରଙ୍କ ସରକାରୀ ବିଜ୍ଞାପନଗୁଡ଼ିକରେ ଶାସକ ଦଳର ନିର୍ବାଚନ ଚିହ୍ନ (ଶଙ୍ଖ)କୁ ବ୍ୟବହାର କରାଯାଉଥିବା ଓ ଏହି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ବିଜେପି ନେତା ଯତୀନ ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନକୁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆବେଦନକାରୀ ଚାହିଁଲେ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଭାରତର ନିର୍ବାଚନ ଆୟୋଗଙ୍କୁ ଗତ ୨୦୨୩ ନଭେମ୍ବର ୧୦ରେ ଆବେଦନକାରୀ ଏହି ପ୍ରସଙ୍ଗରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୨ମାସ ମଧ୍ୟରେ କିଛି ପଦକ୍ଷେପ ନିଆନଯିବାରୁ ସେ ପ୍ରଥମେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦିଲ୍ଲୀ ହାଇକୋର୍ଟ ବି ଏହି ମାମଲା ଶୁଣାଣି ପାଇଁ ଅଗ୍ରାହ୍ୟ କରିଦେଇଥିଲେ ଓ ଆବେଦନକାରୀ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଥିଲେ।

## ଆବେଦନ ଫି’ ହ୍ରାସ କଲା ଏସ୍‌ଏସ୍‌ବି

ଭୁବନେଶ୍ୱର, ୧୮ ।୩(ସମିସ): ସରକାରୀ ଚାକିରି ପାଇଁ ଆବେଦନ ଫି’ ରାଜ୍ୟ ସରକାର ଛାଡ଼ କରିଛନ୍ତି। ହେଲେ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ଅଧ୍ୟାପକ ନିଯୁକ୍ତି ପାଇଁ ସାଧାରଣ ଓ ଏସ୍‌ଇବିସି ବର୍ଗ ପାଇଁ ଆବେଦନ ଫି’ ହଜାରେ ଟଙ୍କା ଲେଖାଏଁ ଧାର୍ଯ୍ୟ କରିଥିଲା।

### ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି ଦୋହରାଇଲେ ଆଶାୟୀ

ସେହିପରି ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ବର୍ଗ ପାଇଁ ୫ଶହ ଟଙ୍କା ଧାର୍ଯ୍ୟ କରିଥିଲା। ସରକାର ଆବେଦନ ଫି’ ସଂପୂର୍ଣ୍ଣ ଛାଡ଼ କରିଥିବା ବେଳେ ଏସ୍‌ଏସ୍‌ବି ପକ୍ଷରୁ ମୋଟା ଅଙ୍କର ଫି’କୁ ବହୁ ଆଶାୟୀ ବିରୋଧ କରିଥିଲେ। ବହୁ ଗରିବ ଶ୍ରେଣୀର ଆଶାୟୀ ଫି’ ଜମା କରିନପାରି ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ମଧ୍ୟ ସେମାନେ ଅଭିଯୋଗ କରିଥିଲେ। ଆଶାୟୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ପରେ ଏସ୍‌ଏସ୍‌ବି ପକ୍ଷରୁ ଆବେଦନ ଫି’ ହ୍ରାସ କରାଯାଇଛି। ହଜାରେ ବଦଳରେ ୫ଶହ ଏବଂ ୫ଶହ ବଦଳରେ ୨ ଶହ ଟଙ୍କା କରିଛି। ହେଲେ ଆବେଦନ ଫି’ ସଂପୂର୍ଣ୍ଣ ଛାଡ଼ ପରିବର୍ତ୍ତେ ହ୍ରାସ କରି ଥିବାରୁ ଆଶାୟୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି ଦୋହରାଇଛନ୍ତି।

## ଏସ୍‌ଏସ୍‌ବି ଅଧ୍ୟାପକ ଆବେଦନ ଅବଧି ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୧୮ ।୩(ସମିସ): ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୭୮୬ ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦ ତାରିଖରୁ ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ହେଲେ ଆଗକୁ ନିର୍ବାଚନ ଥିବାରୁ ପରୀକ୍ଷା ବିଳମ୍ବିତ ହୋଇପାରେ। ଜୁନ୍‌ରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ସମ୍ଭବତଃ ପରୀକ୍ଷା ହୋଇପାରେ। ପ୍ରାୟ ୩ ମାସ ପର୍ଯ୍ୟନ୍ତ ଏହା ବିଳମ୍ବିତ ହେଉଛି। ଏହି ସମୟ ମଧ୍ୟରେ ବର୍ତ୍ତମାନ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ସରି ଫଳ ପ୍ରକାଶ ପାଇସାରିଥିବ। ଏଣୁ ଏହି ପଦ ପାଇଁ ଆବେଦନ ଅବଧିକୁ ଆସନ୍ତା ୨ ମାସ କିମ୍ବା ଫଳ ପ୍ରକାଶ ପାଇବା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। ଆବେଦନ ଅବଧିକୁ ବୃଦ୍ଧି କରିବା ପାଇଁ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆବେଦନ ଅବଧି ବୃଦ୍ଧି କରାଗଲେ ବହୁ ମେଧାବୀ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ସୁଯୋଗ ପାଇପାରିବେ ବୋଲି ବହୁ ଛାତ୍ରଛାତ୍ରୀ ମତବ୍ୟକ୍ତ କରିଛନ୍ତି।

### ଶବକୁ ମିଳିଲାନି ସମ୍ମାନ

# ମେଣ୍ଢା ମାଂସ ପାଇଁ ୩ ଦିନ ପଡ଼ି ରହିଲା ମୃତଦେହ



ବାରିପଦା, ୧୮ ।୩ (ସମିସ): ସାମାନ୍ୟ ମେଣ୍ଢା ମାଂସ ପାଇଁ ମୃତ୍ୟୁ ପରେ ଶବକୁ ସମ୍ମାନ ମିଳିଲା ନାହିଁ। ଗ୍ରାମବାସୀ ଶେଷକୃତ୍ୟ କରାଇ ନଦେବାରୁ ଗାଁରେ ୩ ଦିନ ପଡ଼ିରହିଲା ମୃତଦେହ। ଏପରି ଏକ ଅଭାବନୀୟ ଘଟଣା ଘଟିଛି, ମୟୂରଭଞ୍ଜ ଜିଲ୍ଲାର ବାରିପଦା ସଦର ଥାନା ଅନ୍ତର୍ଗତ ଜୟବିଲ୍ଲା ଗ୍ରାମରେ। ଏଭଳି ଏକ ଅମାନବୀୟ ଘଟଣା ବୁଦ୍ଧିଜୀବୀ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

### ସାହିଭାଇ, ଗ୍ରାମବାସୀ କରାଇଦେଲେନି ଶେଷକୃତ୍ୟ

ସୂଚନାନୁସାରେ, ଗ୍ରାମରେ ଡାକ୍ତର ସିଂ ଓ ଚନ୍ଦନ ସିଂ ଦୁଇଭାଇ ବସବାସ କରନ୍ତି। ଉଭୟଙ୍କ ବିବାହ କିମ୍ବା ଅନ୍ୟାନ୍ୟ ଘରୋଇ କାର୍ଯ୍ୟକ୍ରମରେ ସେମାନେ ଗ୍ରାମରେ ବସବାସ କରୁଥିବା ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ପୂର୍ବରୁ ସାମିଲ କରି ନଥିଲେ। ଏହାକୁ ନେଇ ଉକ୍ତ ପରିବାରକୁ ଗାଁ ମୁଖିଆ ବାସନ୍ଦ କରିଥିଲେ। ବାସନ୍ଦ ପ୍ରତ୍ୟାହାର ପାଇଁ ଜରିମାନା ସ୍ୱରୂପ ମେଣ୍ଢା କିମ୍ବା ଛେଳି ମାଂସ ଦେବାକୁ କୁହାଯାଇଥିଲା। କିନ୍ତୁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ଏଥିରେ ଅସମର୍ଥତା ପ୍ରକାଶ କରି ସେବେଠାରୁ ଗାଁରୁ ବାସନ୍ଦ ହୋଇ ରହୁଥିଲେ। ଗତ ଶନିବାର ସେମାନଙ୍କ ମା’ ସୋମବାରୀ ସିଂ(୭୦)ଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଗ୍ରାମବାସୀଙ୍କୁ ମାଂସ ଖୁଆଇ ନଥିବାରୁ ଶେଷକୃତ୍ୟ ନିମନ୍ତେ କେହି ବି ସହାୟତା କରିନଥିଲେ। ଗାଁ ମୁଖିଆଙ୍କୁ ସାମାନ୍ୟ ଜରିମାନା ମାଂସ ମିଳି ନଥିବାରୁ ତିନିଦିନ ଧରି ଶବ ପଡ଼ିରହିଥିଲା। ଗ୍ରାମବାସୀ ମଧ୍ୟ ଶେଷକୃତ୍ୟ କରିବାକୁ ଦେଇନଥିଲେ। ତେବେ ପୂରା ମେଣ୍ଢା କିମ୍ବା ଛେଳି ବଦଳରେ ୧୦ କେଜି ମାଂସ ଆଗାମୀ ସପ୍ତାହକ ମଧ୍ୟରେ ଗ୍ରାମବାସୀଙ୍କୁ ଦେବାକୁ ଦୁଇ ଭାଇ ପଣ କରିବା ପରେ ୩ ଦିନ ପରେ ଅର୍ଥାତ୍ ସୋମବାର ଅପରାହ୍ଣ ପ୍ରାୟ ୩ଟାରେ ସୋମବାରୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଗ୍ରାମର ସମ୍ପ୍ରଦାୟ ଲୋକେ ଶେଷକୃତ୍ୟ କରିବା ନିମନ୍ତେ ସହାୟତା କରିଥିଲେ।

## ସୁପ୍ରିମକୋର୍ଟରୁ କଂଗ୍ରେସ ନେତା ମୋକିମଙ୍କୁ ଆଶ୍ୱସ୍ତି

କଟକ, ୧୮ ।୩(ସମିସ): ୨୦୧୯ ମସିହାରେ ଅନୁଷ୍ଠିତ ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ କଂଗ୍ରେସ ନେତା ଙ୍ଗ ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଗତ ମାର୍ଚ୍ଚ ୪ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରଦାନ କରିଥିବା ରାୟ କାର୍ଯ୍ୟକାରୀ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ବାରବାଟୀ-କଟକରୁ ବିଧାୟକ ନିର୍ବାଚିତ ହୋଇଥିବା ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ ହାଇକୋର୍ଟ। ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଦାୟର ନିର୍ବାଚନୀ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ରାୟ ଶୁଣାଇଥିଲେ। ଫଳରେ ବିଧାୟକ ପଦ ହରାଇଥିଲେ ଙ୍ଗ ମୋକିମ। ଏହାକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୋକିମ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ କେ.ଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଉପରୋକ୍ତ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀ ଙ୍ଗ ମୋକିମଙ୍କୁ ବିଧାନସଭା ପ୍ରୋସିଡିଂରେ ଭୋଟଦାନ ଅଧିକାର ମିଳିବ ନାହିଁ କିନ୍ତୁ ବିଧାନସଭା ପ୍ରୋସିଡିଂରେ ସେ ଅଂଶଗ୍ରହଣ କରିପାରିବେ। ଏଥିସହ ବିଧାନସଭା ସଦସ୍ୟ ଭାବେ ତାଙ୍କୁ ମିଳୁଥିବା ଅନ୍ୟ ସମସ୍ତ ସୁବିଧା ସୁଯୋଗ ପୂର୍ବବତ ପାଇବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ପ୍ରତିପକ୍ଷ ଶ୍ରୀ ସାମନ୍ତରାୟଙ୍କୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ.ମୁରଲୀଧର ଓ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୦କୁ ଧାର୍ଯ୍ୟ ହୋଇଛି।

### ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ

## ଚଳନ୍ତା ମାଲଗାଡ଼ିର ୨୪ ୱାଗନ୍ ଅଲଗା

ବାମରା, ୧୮ ।୩ (ସମିସ): ଦକ୍ଷିଣ-ପୂର୍ବ ରେଳପଥ ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ବାମରା ରେଳ ଷ୍ଟେସନ୍ ମୁଣ୍ଡାଢିପା ନିକଟରେ ଏକ ଚଳନ୍ତା ମାଲଗାଡ଼ିର ୨୪ ୱାଗନ୍ ଖୋଲିଯାଇ ଅଲଗା ହୋଇଯାଇଥିଲା। ତୃତୀୟ ଲାଇନ୍‌ରେ ସୋମବାର ଅପରାହ୍ଣ ୨ଟା ୨୦ରେ ଛତିଶଗଡ଼ ରାୟପୁରରୁ କ୍ଲିଙ୍କର ବୋଝେଇ ଏନ୍‌ଏମ୍‌ୟୁସିଏଲ୍ ଏନପିଏସଏମଏମ ଟାଇଗର ମାଲଗାଡ଼ି ଝାଡ଼ଖଣ୍ଡ ପିଏସଏମଏମ ୟାର୍ଡ଼କୁ ଯାଉଥିବା ବେଳେ ପଛପଟରୁ ୨୪ ନମ୍ବର ୱାଗନର କୌପ୍ଲିଂ ଖୋଲିଯିବାରୁ ଟ୍ରେନଟି ଅଲଗା ହୋଇଯାଇଥିଲା। ପ୍ରାୟ ୨୦୦ ମିଟର ପରେ ଚାଳକ ଟ୍ରେନକୁ ଅଟକାଇଥିଲେ। ୫୯ ଡବା ବିଶିଷ୍ଟ ଏହି ମାଲ ଗାଡ଼ିର ୩୬ ନମ୍ବର ଡବା (ଏସଇସିଆର ୮୧୦୯୮) ଓ ୩୭ ନମ୍ବର ରେଳଡବା (ଏସଇଆର ୧୮୨୦୨) ମଝିରେ କୌପ୍ଲିଂ ଖୋଲି ଯାଇଥିଲା ଓ ୨୪ଟି ୱାଗନ ଗୋଟେ ପଟେ ରହିଯାଇଥିବା ବେଳେ ଅନ୍ୟ ୨୫ଟି ୱାଗନକୁ ନେଇ ଇଞ୍ଜିନ ଆଗକୁ ପଳାଇ ଯାଇଥିଲା। ଟ୍ରେନ୍ ଗାର୍ଡ ଏହା ଦେଖି ଲୋକୋପାଇଲଟଙ୍କୁ ସୂଚନା ଦେଇଥିଲେ। ଲୋକୋ ପାଇଲଟ୍ ସୂଚନା ପାଇ ତୁରନ୍ତ ବ୍ରେକ୍ ମାରି ଅଟକାଇଥିଲେ। ପରେ ଟ୍ରେନ୍‌କୁ ପଛକୁ ଆଣି ଛିଣ୍ଡି ଯାଇଥିବା ୱାଗନ ସହ ଯୋଡ଼ା ଯାଇଥିଲା। ପ୍ରାୟ ୪୦ମିନିଟ୍ ପରେ ଅପରାହ୍ଣ ୩ଟାରେ ମାଲଗାଡ଼ି ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

### ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ

## ପୁଣି ହାଇକୋର୍ଟରେ ସୋମାଲିକା

କଟକ, ୧୮ ।୩(ସମିସ): ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ରୁଜୁ ଏତଲା ଆଧାରରେ ପୁଲିସ ଉପଯୁକ୍ତ ତଦନ୍ତ କରୁନଥିବା ତଥା ତଦନ୍ତ କ୍ଷେତ୍ରରେ ଜଗତସିଂହପୁର ଥାନା ପୁଲିସର ନିଷ୍କ୍ରିୟତା ଅଭିଯୋଗ କରି ସୋମାଲିକା ଦାଶ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଏହି ଆବେଦନ ଦାୟର ହୋଇଛି। ମାମଲାରେ ରାଜ୍ୟ ଗୃହ ସଚିବ, ପୁଲିସ ଡିଜି, ଜଗତସିଂହପୁର ଏସପି, ଜଗତସିଂହପୁର ଥାନା ଆଇଆଇସି ଓ ବିଜୟ ଶଙ୍କର ଦାସଙ୍କୁ ପକ୍ଷଭୁକ୍ତ କରାଯାଇଛି।

ପ୍ରକାଶଥାଉକି ୨୦୨୩ରେ ମଧ୍ୟ ଜଗତସିଂହପୁର ଥାନା ପୁଲିସ ତାଙ୍କ ଏତଲା ପଞ୍ଜୀକରଣ କରୁ ନଥିବା ଦର୍ଶାଇ ସୋମାଲିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩, ଜାନୁଆରି ୨୭ରେ ହାଇକୋର୍ଟ ସୋମାଲିକାଙ୍କ ଏତଲା ପଞ୍ଜୀକରଣ ପ୍ରସଂଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ଜଗତସିଂହପୁର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ■ ନିର୍ବାଚନୀ ଋତୁରେ ଗ୍ରୀଷ୍ମ ପ୍ରବାହ ଆହ୍ୱାନ

## ଆଇଏମ୍‌ଡି ବୁଲେଟିନ୍ ଅନୁଯାୟୀ ନିୟମ ପାଳନ କର

ଭୁବନେଶ୍ୱର, ୧୮ ।୩ (ସମିସ): ଆସନ୍ତା ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ବେଳେ ପ୍ରବଳ ଖରା ଅନୁଭୂତ ହେବ। ଏହି ସମୟରେ ଉପୁଜିବାକୁ ଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର (ଏସଆର୍‌ସି) ସତ୍ୟବ୍ରତ ସାହୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି। ଚଳିତ ବର୍ଷ ଗ୍ରୀଷ୍ମପ୍ରବାହ ନେଇ ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ ଜାରି କରିଛି। ତେବେ ନିର୍ବାଚନ ସମୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିର୍ବାଚନ ପରିଚାଳନାରେ ଆହ୍ୱାନ ସୃଷ୍ଟି ହେବା ନେଇ ଏସଆର୍‌ସି ଆଶଙ୍କା ପ୍ରକାଶ କରିଛନ୍ତି। ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଉଥିବା ଦୈନିକ ବୁଲେଟିନ୍ ଅନୁଯାୟୀ ନିୟମ ଅନୁପାଳନ କରିବାକୁ ଜିଲ୍ଲାପାଳମାନଙ୍କୁ ଏସ୍‌ଆରସି କହିଛନ୍ତି।

ଏହି ପରିସ୍ଥିତିର ମୁକାବିଲା ପାଇଁ ବହୁମୁଖୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଏସ୍‌ଆରସି ଚିଠିରେ ଦର୍ଶାଇଛନ୍ତି। ଯେମିତିକି ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ବ୍ୟବସ୍ଥା, ସାମୟିକ ଆଶ୍ରୟସ୍ଥଳୀ ନିର୍ମାଣ, ଶ୍ରମ ସମୟ ହ୍ରାସ କରିବା, ସ୍କୁଲ ଓ କଲେଜରେ ଶିକ୍ଷାଦାନ ସମୟ ହ୍ରାସ କରିବା, ଜରୁରୀକାଳୀନ ଓ ଡାକ୍ତରୀ ସେବା ଯୋଗାଇବା ଉପରେ ଏସ୍‌ଆରସି ଗୁରୁତ୍ୱ ଦେଇଛନ୍ତି। ଏହି ସ୍ଥିତି ଦ୍ୱାରା ହିଟ୍‌ୱେଭ୍ ଜନିତ ବିପଦକୁ ହ୍ରାସ କରାଯାଇପାରିବ ବୋଲି ସେ କହିଛନ୍ତି। ନିର୍ବାଚନ ଋତୁ ଆରମ୍ଭ ହୋଇଯାଇଥିବାରୁ ରାଲି ସମୟରେ ନିର୍ଦ୍ଦିଷ୍ଟ ବିଭାଗଗୁଡ଼ିକର ସହାୟତା ନେଇ ଆବଶ୍ୟକ ସତର୍କତା ଗ୍ରହଣ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ତେବେ ଏହି ଦିଗକୁ ଦୃଷ୍ଟି ଦେବା ପାଇଁ ଏସ୍‌ଆରସିଙ୍କ ପକ୍ଷରୁ ଗତ ୨୧ତାରିଖରେ ହୋଇଥିବା ଚିଠି ଅନୁଯାୟୀ କାର୍ଯ୍ୟ କରିବା ଓ ଏହାର ଅନୁପାଳନ କରିବାକୁ ସେ କହିଛନ୍ତି। ନିଜ ନିଜ ଜିଲ୍ଲାରେ ଜିଲ୍ଲାପାଳମାନେ ଏହି ଘଟଣାକୁ ଗୁରତ୍ୱର ସହ ନେଇ ନିଜେ ଅନ୍ତର୍ଭୁକ୍ତ ହୋଇ ଏହାର ମୁକାବିଲା କରିବାକୁ ଏସଆରସି କହିଛନ୍ତି।

ଅନ୍ୟପଟେ କେନ୍ଦ୍ର ଗୃହ ମନ୍ତ୍ରାଳୟର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପ୍ରତ୍ୟେକ ରାଜ୍ୟମାନଙ୍କୁ ଗ୍ରୀଷ୍ମପ୍ରବାହ ନେଇ ମଧ୍ୟ ଚିଠି ଲେଖି ସତର୍କ ରହିବାକୁ ପରାମର୍ଶ ଦେଇଥିବା ଏସଆରସି ଜିଲ୍ଲାପାଳମାନଙ୍କୁ ଅବଗତ କରାଇଛନ୍ତି।

### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଏସ୍‌ଆର୍‌ସି



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପୁଅ ଅନୀଲ ଶାସ୍ତ୍ରୀ ଏବଂ ତାଙ୍କ ଧର୍ମପତ୍ନୀ ମଞ୍ଜୁ ଶାସ୍ତ୍ରୀ ମା’ ସମଲେଶ୍ୱରୀ ମନ୍ଦିରରେ ମା’ଙ୍କ ଦର୍ଶନ କରିବା ସହ ସମଲେଇ ପ୍ରକଳ୍ପ ବୁଲି ଦେଖିଛନ୍ତି

### ପିଲାଚୋର ସନ୍ଦେହରେ ଗାଡ଼ି ଅଟକକୁ ନେଇ ତୁମୁଳକାଣ୍ଡ

## ପୁଲିସ ଗାଡ଼ି ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକ

ରାୟଗଡ଼ା, ୧୮ ।୩ (ସମିସ): ପିଲାଚୋର ସନ୍ଦେହରେ ଆନ୍ଧ୍ରର ୨ ନିଶାସକ୍ତ ଯୁବକଙ୍କୁ କୋରାପୁଟ ଜିଲ୍ଲା ଏଡ଼ଗୁମବାଲ୍ସା ଗ୍ରାମରେ ନିସ୍ଥୁକ ମାଡ଼ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ତାଡ଼ମା ଗ୍ରାମ ପଞ୍ଚାୟତରେ ସମାନଧରଣର ଏକ ଘଟଣା ସାମ୍ନାକୁ ଆସିଛି। ଉତ୍ତ୍ୟକ୍ତ ଲୋକେ ଏକ ସ୍କର୍ପିଓକୁ ଅଟକାଇବା ସହ ସେଥିରେ ୨ଜଣଙ୍କୁ ପୁଲିସ ଜିମା ଦେଇଛନ୍ତି। ଖାଲି ସେତିକି ନୁହେଁ, ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ସହ ପୁଲିସର ଯୁକ୍ତିତର୍କ ହେବାରୁ ଉତ୍ତ୍ୟକ୍ତ ଲୋକେ ପୁଲିସ୍ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି।

ସୂଚନାନୁଯାୟୀ, ଗତ ରବିବାର ରାତିରେ କଟଲାଗୁଡ଼ା ଛକଠାରୁ ପିତାମହଲକୁ ସଂଯୋଗ କରୁଥିବା ବାଇପାସ୍ ରୋଡ୍‌ରେ ଏକ ସ୍କର୍ପିଓ ଦ୍ରୁତଗତିରେ ଯାଉଥିବା ବେଳେ ତାଡ଼ମା ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଗୋପାଳପୁର ଛକ ବୁଲାଣିରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଗ୍ରାମବାସୀମାନେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ଗାଡ଼ିଟି ସେଠାରୁ ଖସି ପଳାଇଥିଲା। ଏ ନେଇ ଗ୍ରାମବାସୀମାନେ ବାଇପାସ୍ ରୋଡରେ ଥିବା ଅନ୍ୟ ଗାଁମାନଙ୍କୁ ତୁରନ୍ତ ଖବର ଦେଇଥିବା ବେଳେ ଗାଁ ଲୋକେ ରାସ୍ତାରେ ବଡ଼ ବଡ଼ ପଥର ସହ ଅନ୍ୟାନ୍ୟ ଜିନିଷ ପକାଇ ଅବରୋଧ କରିଥିଲେ। ଫଳରେ ଦ୍ରୁତଗତିରେ ଯାଉଥିବା ସ୍କର୍ପିଓଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଖାଲ ଭିତରେ ପଡ଼ିଯାଇଥିଲା। ଗାଡ଼ି ଭିତରୁ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗାଁ ଲୋକେ ଧରି ଅଟକ ରଖିଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଥିଲେ। ତେବେ କିଛି ସମୟ ପୂର୍ବରୁ ଗାଡ଼ିଟି ଏହି ବାଟ ଦେଇ ଯାଇଥିବା ବେଳେ ତା’ ଭିତରୁ ପିଲାଙ୍କ କାନ୍ଦ ଶୁଣାଯାଇଥିବାରୁ ଗ୍ରାମବାସୀମାନେ ସେମାନଙ୍କୁ ପିଲାଚୋର ବୋଲି ସନ୍ଦେହ କରିଥିଲେ।

ଗ୍ରାମବାସୀଙ୍କଠାରୁ ସୂଚନା ପାଇ ରାୟଗଡ଼ା ଥାନା ଅଧିକାରୀ କେକେବିକେ କହଁର ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ କୌଣସି କଥାକୁ ନେଇ ସେଠାରେ ପୁଲିସ ସହ ଗାଁଲୋକଙ୍କ ବଚସା ହୋଇଥିଲା। ଏଥିରେ ରାଗିଯାଇ ଉତ୍ତ୍ୟକ୍ତ ଲୋକେ ପୁଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏ ସଂପର୍କରେ ଥାନାଧିକାରୀ ଶ୍ରୀ କହଁର କହିଛନ୍ତି, ଗେଲ୍ ଇଣ୍ଡିଆ ପ୍ରାଇଭେଟ୍ ନାମକ ଏକ ସଂସ୍ଥାର ଗାଡ଼ିରେ କିଛି କର୍ମଚାରୀ ଯାଉଥିଲେ। କିନ୍ତୁ ସେଥିରେ ପିଲାଚୋର ଯାଉଥିବା ନେଇ ଗୁଜବ ପ୍ରଚାରିତ ହେବାରୁ ଏଭଳି ଅଘଟଣ ଘଟିଛି। ଗ୍ରାମବାସୀମାନେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଚାଳକ ଭୟଭୀତ ହୋଇ ଦ୍ରୁତଗତିରେ ଗାଡ଼ି ନେଇ ଫେରାର୍ ହେବାକୁ ଚେଷ୍ଟା କରିଥିଲେ। ତେବେ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ କହଁର କହିଛନ୍ତି।

### ରାଜ୍ୟରେ ୭୦ ହଜାରରୁ ଅଧିକ ତୃତୀୟ ଲିଙ୍ଗୀ

# ଭୋଟର୍ ତାଲିକାରେ ଅଛନ୍ତି ମାତ୍ର ୩୩୮୦

ଭୁବନେଶ୍ୱର, ୧୮ ।୩ (ସମିସ): ଓଡ଼ିଶାରେ କିନ୍ନର ଅବା ତୃତୀୟ ଲିଙ୍ଗୀ ନାଗରିକଙ୍କ ସଂଖ୍ୟା କିଛି କମ୍ ନାହିଁ। ପ୍ରତିବର୍ଷ ତୃତୀୟଲିଙ୍ଗୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ତାହା ଭୋଟର୍ ତାଲିକାରେ ପ୍ରତିଫଳିତ ହେଉନାହିଁ। ଗୁରୁତ୍ୱପୂର୍ଣ୍ଣ ହେଉଛି, ସେମାନଙ୍କ ମଧ୍ୟରେ ମତଦାନ ଅଧିକାର ସାବ୍ୟସ୍ତ କରୁଥିବା କିନ୍ନରଙ୍କ ସଂଖ୍ୟା ନଗଣ୍ୟ ରହୁଛି। ସାମାଜିକ ଅପନିନ୍ଦାରୁ ବର୍ତ୍ତିବା ଲାଗି ଅନେକ ତୃତୀୟ ଲିଙ୍ଗୀ ଭୋଟର ତାଲିକାରେ ନିଜବର୍ଗ ସଂଶୋଧନ କରିବାକୁ ଆଗ୍ରହ ପ୍ରକାଶ କରୁନଥିବା କୁହାଯାଇଛି।

୨୦୧୯ ନିର୍ବାଚନ ସମୟରେ ରାଜ୍ୟରେ ୨୯୩୨ଜଣ ତୃତୀୟ ଲିଙ୍ଗୀ ଭୋଟର୍ ପଞ୍ଜୀକୃତ ହୋଇଥିଲେ। ତେବେ ଏହି ନିର୍ବାଚନରେ ସେମାନଙ୍କ ମଧ୍ୟରୁ ମାତ୍ର ୯% ମତଦାନ ପାଇଁ ଆସିଥିଲେ। ତେବେ ଗତ ୫ବର୍ଷ ଭିତରେ ମାତ୍ର ୪୪୮ ଜଣ କିନ୍ନରଙ୍କ ନାମ ଭୋଟର ତାଲିକାରେ ଯୋଡ଼ି ହୋଇଛି। ଅର୍ଥାତ୍ ଚଳିତ ନିର୍ବାଚନରେ ରାଜ୍ୟରେ ୩୩୮୦ କିନ୍ନର ମତଦାନ ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି। ବେସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ତୃତୀୟ ଲିଙ୍ଗ ନାଗରିକଙ୍କ ସଂଖ୍ୟା ୭୦ ହଜାରରୁ ଅଧିକ ହେବ

୨୦୧୧ ଜନଗଣନା ରିପୋର୍ଟ ଅନୁସାରେ, ସେହି ସମୟରେ ଓଡ଼ିଶାରେ ୨୦, ୩୩୨ଜଣ ତୃତୀୟ ଲିଙ୍ଗୀ ନାଗରିକ ଚିହ୍ନଟ ହୋଇଥିଲେ। ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେଉଁଠାରେ ୨୦୧୬ ମସିହାରୁ ତୃତୀୟ ଲିଙ୍ଗୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ସରକାରଙ୍କଠାରୁ ଭତ୍ତା ପାଇବା ପାଇଁ ତୃତୀୟ ଲିଙ୍ଗୀ ନାଗରିକଙ୍କ କିଛି କମ୍ ସଂଖ୍ୟା ନାହିଁ। କିନ୍ତୁ ଭୋଟର୍ ତାଲିକାରେ ନାମ ସାମିଲ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କିନ୍ନର ଭୋଟର ତାଲିକାରେ ପୁରୁଷ କିମ୍ବା ମହିଳା ଭାବେ ସାମିଲ ହୋଇଛନ୍ତି। ୨୦୧୯ରୁ ତୃତୀୟ ଲିଙ୍ଗୀ ନାଗରିକ ପୁରୁଷ ଓ ମହିଳାଙ୍କ ଭଳି ମତଦାନ ଅଧିକାର ସାବ୍ୟସ୍ତ କରି ଆସୁଛନ୍ତି। ତୃତୀୟ ଲିଙ୍ଗୀଙ୍କ ସହିତ ପ୍ରତ୍ୟେକ ବର୍ଗର ଭୋଟର ନିଶ୍ଚିତ ଭାବେ ମତଦାନ କରିବା ପାଇଁ ଆସନ୍ତୁ ବୋଲି ସରକାର ପ୍ରୋତ୍ସାହିତ କରୁଛନ୍ତି। ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସେମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। କିନ୍ତୁ କିନ୍ନର ଭୋଟ୍‌ହାର ବୃଦ୍ଧି ଆଶାନୁରୂପ ହୋଇପାରୁନାହିଁ। ଏହା ପଛରେ ସାମାଜିକ ଅପନିନ୍ଦା ପ୍ରମୁଖ କାରଣ ବୋଲି କୁହାଯାଉଛି।

ତୃତୀୟ ଲିଙ୍ଗୀ ମହାସଂଘର ସଭାପତି ପ୍ରତାପ ସାହୁ କହିଛନ୍ତି, ରାଜ୍ୟରେ ତୃତୀୟ ଲିଙ୍ଗୀଙ୍କ ସଂଖ୍ୟା ଢେର୍ ଅଧିକ। କିନ୍ତୁ ସେମାନେ ଭୋଟର ତାଲିକାରେ ନିଜ ଲିଙ୍ଗ ସଂଶୋଧନ କରୁନାହାନ୍ତି। ନୂଆ ଭୋଟର ମଧ୍ୟ ତୃତୀୟ ଲିଙ୍ଗ ବଦଳରେ ପୁରୁଷ କିମ୍ବା ମହିଳା ଭୋଟର ଭାବେ ପଞ୍ଜୀକରଣ କରିବାକୁ ଉଚିତ ମଣୁଛନ୍ତି। ତେଣୁ ଭୋଟର ତାଲିକାରେ ସେମାନଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଉନାହିଁ ବୋଲି ସେ କହିଛନ୍ତି। ଭୁବନେଶ୍ୱରର ଏମ୍‌ବିଏ ପଢୁଥିବା ଜଣେ ତୃତୀୟ ଲିଙ୍ଗୀ କହିଛନ୍ତି, ଆମ ସମ୍ପ୍ରଦାୟ ମଧ୍ୟରେ ଶିକ୍ଷିତ କିମ୍ବା ଉଚ୍ଚଶିକ୍ଷିତଙ୍କ ସଂଖ୍ୟା ବହୁତ କମ। ସେମାନେ ମତଦାନର ଗୁରୁତ୍ୱକୁ ଏବେ ବି ଉପଲବ୍ଧି କରି ନାହାନ୍ତି। ଏହା ବ୍ୟତୀତ ଲୋକଲଜ୍ଜା ଭୟରେ ସେମାନେ ତୃତୀୟ ଲିଙ୍ଗୀ ତାଲିକାରେ ନିଜ ନାମ ସାମିଲ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ତେବେ ଆଗାମୀ ନିର୍ବାଚନରେ ଏହି ଭୋଟରମାନେ ଅଧିକ ସଂଖ୍ୟାରେ ମତାଦନ ପାଇଁ ଆସିବେ ବୋଲି ସେ ବିଶ୍ୱାସବ୍ୟକ୍ତ କରିଛନ୍ତି।

### ଗତ ନିର୍ବାଚନ ପରେ ସାମିଲ ହୋଇଛନ୍ତି ୪୪୮ କିନ୍ନର

### ଗତଥର ଭୋଟ୍ ଦେଇଥିଲେ ମାତ୍ର ୯%

### ସାମାଜିକ ଅପନିନ୍ଦା ଭୟ

